# ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା



**ନୂଆପଡ଼ା, ୧୨।୧୧(ସମିସ):** ସ୍ଥାନୀୟ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ଉପଜିଲ୍ଲାପାଳ ନୂଆପଡ଼ା ଯୋଗେନ୍ଦ୍ର ମାଝୀ ଯୋଗଦେଇଥିଲେ । ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏବିଇଓ ଉତ୍କଳମଣି ଅଗସ୍ତି, ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁଲାପଚନ୍ଦ୍ର ସାହୁ, ଜିଲ୍ଲା ଶିକ୍ଷକ ସଙ୍ଘ ସଭାପତି ଅମିଲାଲ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାଦୋମେରି ସରପଞ୍ଚ କିଶୋର ବାରିକ ଓ ଗୁଡ଼ାପତରାର ଅଭିଭାବକ ତୁଙ୍ଗନ୍ ଚନ୍ଦ୍ରକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆସନ୍ତା ୩୦ ତାରିଖରେ ଅବସର ନେବାକୁ ଯାଉଥିବା ଶିକ୍ଷକ ଉମେଶ ଚନ୍ଦ୍ର ଜେନାଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପତ୍ର ହସ୍ତାନ୍ତର କରାଯାଇଥିଲା । ସାଧାରଣଜ୍ଞାନ ପ୍ରତିଯୋଗିତାରେ ନୂଆପଡ଼ା ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗରେ ଭାଗ ନେଇଥିଲେ । ବରିଷ୍ଠ ବର୍ଗରେ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା ପ୍ରଥମ, କନିଷ୍ଠ ବର୍ଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୋଟେନଚୁଆଁ ପ୍ରଥମ ଅଧିକାର କରିଥିଲେ । ଉପକନିଷ୍ଠ ବର୍ଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରଟାପାଲି ପ୍ରଥମ ସ୍ଥାନ ଅଧିକାର କରିଥିଲେ । କ୍ୱିଜ ମାଷ୍ଟର ଭାବରେ ପ୍ରବୋଧ ହୋତା, ସୁଶାନ୍ତ ଯୋଶୀ, କିଶୋର ପ୍ରଧାନ, ଯୋଗୀନ୍ଦ୍ର ବେହେରା, ଭବତୋଷ ଦାଶ, ସୁଶାନ୍ତ ମୁଣ୍ଡ ଦାୟିତ୍ୱ ନିର୍ବାହ କରିଥିଲେ । ସ୍କୋରର ଦାୟିତ୍ୱରେ ଦିନେଶ ପଟେଲ, ପ୍ରଶାନ୍ତ ନାଥ, ପ୍ରଦୀପ୍ତ ରଥ, ବିଜୟ କେଉଁଟ, ସିଦ୍ଧାର୍ଥ ଦେବାଙ୍ଗନ, ଜୟନ୍ତ ସାହୁ, ବନମାଳୀ ମାଝୀ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏବିଇଓ ଉତ୍କଳମଣି ଅଗସ୍ତି, କୋଟେନଚୁଆଁ ପ୍ରଧାନଶିକ୍ଷକ ପ୍ରଶାନ୍ତ ପତି ଓ କୋଦୋମେରୀ ପ୍ରଧାନଶିକ୍ଷକ ପ୍ରମୋଦ ମିଶ୍ର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । ବିଜେତା ଛାତ୍ରଛାତ୍ରୀ ଓ ବିଦ୍ୟାଳୟକୁ ଟ୍ରଫି ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସମସ୍ତ ସିଆରସିସି, ଉପସ୍ଥିତ ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

### ୨୩ରୁ ଖରିଆରରୋଡ୍ ମହୋତ୍ସବ

# କଳା, ସଂସ୍କୃତି ଓ ବ୍ୟବସାୟର ହେବ ସୁଦୃଢ଼ୀକରଣ



**ନୂଆପଡ଼ା/ଖରିଆରରୋଡ୍, ୧୨।୧୧(ସମିସ):** ନୂଆପଡ଼ା ଜିଲ୍ଲାର ଖରିଆରରୋଡ୍‌ରେ 'ଖରିଆରରୋଡ୍ ମହୋତ୍ସବ' କରିବାର ଯୋଜନା କରାଯାଇଛି । ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରରେ ଆୟୋଜିତ ସମ୍ମିଳନୀରେ ୨୩ତାରିଖରୁ ମହୋତ୍ସବ ଆରମ୍ଭ ହେବ ବୋଲି କମିଟି ତରଫରୁ ଆନୁଷ୍ଠାନିକ ଭାବେ କୁହାଯାଇଛି । ଆୟୋଜକ ଚ୍ୟାମ୍ବର ଅଫ କମର୍ସର ସଭାପତି ସନ୍ଦିପ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ କମିଟିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ । ସଭାପତି ଶର୍ମା ଏବଂ ସମ୍ପାଦକ ପ୍ରେମ ସାହୁ ସୂଚନା ଦେଇ କହିଥିଲେ ଯେ ଖରିଆରରୋଡ୍ ସହର ଆଜିକୁ ବହୁ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ଏକ ବ୍ୟବସାୟୀକ ସହର ଭାବେ ଖ୍ୟାତି ରଖିଆସିଛି । ଏଠିକାର ପରମ୍ପରା ଓ ସଂସ୍କୃତିର ଛାପକୁ ରାଜ୍ୟ ତଥା ରାଜ୍ୟବାହାରକୁ ଫୋକସ କରାଯାଇପାରିବ ସେଥିପାଇଁ ପ୍ରୟାସ କରାଯାଇଛି । ନଭେମ୍ବର ୨୫ତାରିଖ ଯାଏଁ ତିନିଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମରେ ଟ୍ରେଡ୍ ଫେୟାର, ଡ୍ୟାନ୍ସ ଓ ଫୁଡ ଫେୟାର ସହ ଲୋକଙ୍କ ମନୋରଞ୍ଜନ ସକାଶେ ମୀନା ବଜାର ବ୍ୟବସ୍ଥା କରାଯିବ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶିଶୁ, ମହିଳା, ପୁରୁଷ କଳାକାରମାନଙ୍କ ଲୋକକଳାକୁ ସ୍ଥାନ ଦିଆଯିବା ସହ ଆସାମର ବିହୁ, ଆମ ରାଜ୍ୟର ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ମୁଖ୍ୟ ଆକର୍ଷଣ ରହିବ । ମଧ୍ୟପ୍ରଦେଶର ନୋରଟା, ଛତିଶଗଡ଼ର ପନ୍ଥୀ ନୃତ୍ୟ, ସୋନି ଟିଭିର ଜିମ୍ନାଷ୍ଟିଟ ଚାମ୍ପିଅନ, ଇଣ୍ଡିଆନ ଆଇଡଲ ଅରୁଣିତା କାଞ୍ଜିଲାଲଙ୍କ ନାଇଟ ସୋ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅଭିଶେକ ମଲାନୀ, ନିରଜ ପାଣ୍ଡେ, ଦୀପକ ଜୈନ, ବିକି ସଙ୍କଲା, ମୁକେଶ ଜୈନ, ମିତା ମିଶ୍ର, ରାଜେଶ ଗୋୟଲ, ସୋନୁ ଗାନ୍ଧୀ, ସୁମିତ ଅଗ୍ରୱାଲ, ଯଶବୀର ସଲୁଜା, ଚୟନ ଭସାଣି ଓ ପ୍ରଖର ଜୈନ ପ୍ରମୁଖ ଉପସ୍ଥିତ ଥିଲେ ।

# ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ତାଲିମ କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୨।୧୧(ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରେ ଜିଲ୍ଲା ପ୍ରଶାସନ କଳାହାଣ୍ଡି ତରଫରୁ ଦୁଇଗୋଟି ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ ସମାରୋହ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଯାଇଛି । ପ୍ରଥମ କାର୍ଯ୍ୟାକ୍ରମରେ ଜିଲ୍ଲାପାଳଙ୍କ ଦ୍ୱାରା ଏଡୁନେଟ୍ ମାଧ୍ୟମରେ ୧୦୦ ଜଣ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରେ ନିଟ, ଜେଇ ଓ ଓୟୁଏଟି ପାଇଁ ମାଗଣାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା । କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ପରିଷଦ କଳାହାଣ୍ଡିର ମୁଖ୍ୟ ବିକାଶ ତଥା ନିର୍ବାହୀଅଧିକାରୀ ଦୟାମୟ ପାଢ଼ୀ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ କୁଳପତି ନିବେଦିତା ନାଥ, ଉପ କୁଳସଚିବ ଜୟଦେବ ସାହୁ ପିଲାମାନଙ୍କୁ କାର୍ଯ୍ୟକ୍ରମର ଲାଭ ଉଠାଇବା ପାଇଁ ଉତ୍ସାହିତ କରିଥିଲେ ଓ ପାଠ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମକୁ ଡ଼ ମଧୁଲିକା ସାହୁ ସଂଯୋଜନା କରିଥିଲେ । ଦ୍ୱିତୀୟ କାର୍ଯ୍ୟକ୍ରମରେ ମାଇନିଂ ସ୍କିଲ କାଉନସିଲ ତରଫରୁ ଥୁଆମୂଳ ରାମପୁର ଏବଂ ଲାଞ୍ଜିଗଡ଼ ଅଞ୍ଚଳର ୩୦୦ ଜଣ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କଳାହାଣ୍ଡିର ଆର୍ଥିକ ଅନୁଦାନରେ ବିଭିନ୍ନ ପ୍ରକାରର ମାଇନିଂ ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ତାଲିମର ଶୁଭ ଉଦ୍‌ଘାଟନ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଦ୍ୱାରା କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କଳାହାଣ୍ଡିର ପ୍ରଶାନ୍ତ କୁମାର ମିଶ୍ର, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିଲେ । ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

### ଅସ୍ତିତ୍ୱ ହରାଉଛି ସାନ୍ଦୁଲ ନଦୀ

# ତଣ୍ଡୀବଣ ସାଜିଛି ନର୍ଲାର ଜୀବନରେଖା

**ନର୍ଲା, ୧୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ଜୀବନରେଖା ଭାବରେ ପରିଚିତ ସାନ୍ଦୁଲ ନଦୀ ଏବେ ଅସ୍ତିତ୍ୱ ହରାଇବାକୁ ବସିଛି । ଏହାର ନଦୀଶଯ୍ୟା କାଶତଣ୍ଡୀ ବଣ ପରି ଦେଖାଯାଉଛି । ଏଠାରେ ବର୍ଷାର ପରିଣାମ ଖୁବ୍ କମ୍ ରହିଛି । ଆଜି ସୁଦ୍ଧା ନଦୀରେ ବର୍ଷା ଜନିତ ଗୋଳିଆ ପାଣି ଦେଖାଯାଇ ନାହିଁ । ନଦୀ ଶଯ୍ୟା ଏବେ କାଶତଣ୍ଡୀ ବଣରେ ପରିଣତ ହୋଇଛି । ଯେଉଁ ଆଡେ ଦେଖିଲେ ଘାସ ଓ ଅରମା ବଣ । ଲାଞ୍ଜିଗଡ଼ ବ୍ଲକର ଲାଞ୍ଜିଗଡ଼ ରୋଡ଼ ଠାରୁ ଆରମ୍ଭ ଏହି ନଦୀ ନର୍ଲା ବ୍ଲକର ୧୩ କିଲୋମିଟର ଅତିକ୍ରମ କରି ମଦନପୁର ରାମପୁର ବ୍ଲକରେ ପହଞ୍ଚିଛି । ନଦୀର ଉଭୟ ପାର୍ଶ୍ୱରେ ଶତାଧିକ ଉଠା ଜଳସେଚନ



ପ୍ରକଳ୍ପ ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ନିର୍ମିତ ଜଳଯୋଗାଣ ପ୍ରକଳ୍ପ ରହିଛି । ନଦୀ ଶଯ୍ୟାରେ ଅନେକ ସ୍ଥାନରେ ଚେକଡ୍ୟାମ୍ ନିର୍ମାଣ କରି ଏହାର ଜଳ କୃଷିକ୍ଷେତ୍ରରେ ଜଳସେଚନ ପାଇଁ କାମରେ ଆସୁଛି । ନର୍ଲା ବ୍ଲକ ଅଞ୍ଚଳରେ ସିଧାସଳଖ କୌଣସି ଜଳସେଚନ ପ୍ରକଳ୍ପ ନଥିଲେ ହେଁ ଏହା ଯେ କୃଷି ଓ କୃଷକଙ୍କ ଜୀବନରେଖା ଏହା କହିବା ବାହୁଲ୍ୟ । ନଦୀ ପାର୍ଶ୍ୱରେ ଅନେକ ଜନବସତିରେ ଜଳସ୍ତର କ୍ରମାଗତ ହ୍ରାସ ପାଉଥିବାରୁ ଏବେ ଗାଁ ଗାଁରେ ଜଳ ସଙ୍କଟ ଦେଖାଯାଉଛି । ବର୍ଷ ତମାମ ନଦୀରେ ପାଣି ରହୁନଥିବାରୁ କାଶତଣ୍ଡୀ ବୁଦା କାୟା ମେଲାଇ ଚାଲିଛି । ଧୀରେ ଧୀରେ ଏହା ନଦୀ କମ୍ ଏକ ଟାପୁ ପରି ଦେଖାଯାଉଛି । ସ୍ଥାନୀୟ ଲୋକପ୍ରତିନିଧି ଓ ସରକାରଙ୍କ ଉଦାସୀନତା ଯୋଗୁଁ ଏହି ନଦୀ ତା'ର ଅସ୍ତିତ୍ୱ ହରାଇବାକୁ ବସିଛି । ବର୍ଷା ହେଲେ ହିଁ ନଦୀରେ ଜଳ ପ୍ରବାହିତ ହେଉଥିବାରୁ ବର୍ଷା ବିହୁନେ ନଦୀ ଶଯ୍ୟା ବର୍ଷ ତମାମ ଶୁଖିଲା ରହୁଛି । ଫଳରେ ବାଲି ମାଫିଆଙ୍କ କବଜାରେ ନଦୀଶଯ୍ୟା ତ୍ରାହି ଡାକ ଦେଉଛି । ବର୍ଷାଜଳ ଅଭାବରୁ ନଦୀଶଯ୍ୟାରେ ବାଲି ମଧ୍ୟ ରହୁନାହିଁ । ବର୍ତ୍ତମାନ ବିନା ଟେଣ୍ଡରରେ ଓ ବିନା ସ୍ୱୀକୃତିରେ ନଦୀ କୂଳର ଉଭୟ ପାର୍ଶ୍ୱର ମାଟି ମଧ୍ୟ ବାଲି ମାଫିଆ ଛାଡୁ ନାହାନ୍ତି । ଫଳରେ ଅନେକ ସ୍ଥାନରେ ନଦୀ ତା'ର ଗତିପଥ ବଦଳାଇ ଚାଲିଛି । ଉପର ମୁଣ୍ଡରୁ ହଠାତ୍ ପାଣି ଆସିଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ଏହାସହ ନଦୀର ଉଭୟ ପାର୍ଶ୍ୱରେ ଜମି ଜବରଦଖଲ କରି ମାଫିଆମାନେ ଇଟାଭାଟି ତିଆରି କରିଛନ୍ତି । ରେଟ୍ ଜଳସେଚନ ପ୍ରକଳ୍ପ ସହ ଏହାକୁ ସଂଯୋଗ କରି ଉପରମୁଣ୍ଡରେ ଏକ ବ୍ୟାରେଜ ତିଆରି କଲେ ନର୍ଲା ଓ ଲାଞ୍ଜିଗଡ଼ ବ୍ଲକର ହଜାର ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ହେବା ସହ ବିସ୍ତିର୍ଣ୍ଣ ଅଞ୍ଚଳରେ ଜଳସଙ୍କଟ ଦୂର ହେବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରନ୍ତି । ଏଥିପ୍ରତି ସରକାର ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ଦାବି ହେଉଛି ।

# ପହଞ୍ଚିଲା ନନ୍ଦିଘୋଷ ରଥ ଚକ, ଭକ୍ତିମୟ ପରିବେଶରେ ସ୍ୱାଗତ

**ଧର୍ମଗଡ଼, ୧୨।୧୧(ସମିସ):** ଶ୍ରୀକ୍ଷେତ୍ର ପୁରୀରୁ ଆଜି ନନ୍ଦିଘୋଷ ରଥଚକ ଧର୍ମଗଡ଼ ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚିଛି । ନନ୍ଦିଘୋଷ ରଥଚକକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ରଖିବା ପୂଜାର୍ଚ୍ଚନା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ନିବେଦନ କରାଯାଇଥିଲା । ମଙ୍ଗଳବାର ପବିତ୍ର ବଡ ଏକାଦଶୀରେ ଧର୍ମଗଡ଼ ଠାରେ ନନ୍ଦିଘୋଷ ରଥଚକ ପହଞ୍ଚିବା ପରେ ଶ୍ରୀବ୍ରଜମୋହନ ରାଧାକୃଷ୍ଣ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଏବଂ ସ୍ଥାନୀୟ ଜଗନ୍ନାଥ ପ୍ରେମୀ ହଜାର ହଜାର ସଂଖ୍ୟାରେ ସାମିଲ ହୋଇ ପାରମ୍ପରିକ ଘୁମୁରା, ଦୁଲଦୁଲି ଏବଂ ସଂକୀର୍ତ୍ତନ ଦଳ ରଥଚକକୁ ଏକ ଭକ୍ତିମୟ ପରିବେଶରେ ସହରରେ ପରିକ୍ରମା କରାଯାଇଥିଲା । ଭବ୍ୟ ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା, ଏନ୍‌ଏସି ଉପାଧକ୍ଷ୍ୟା ମନୀଷା ମିଶ୍ର, ସମାଜସେବୀ ହୃଷିକେଶ ମିଶ୍ର, ତୁଷାର ରଞ୍ଜନ ପାଟଯୋଶୀ, ଧର୍ମଗଡ଼ ଚେମ୍ବର ଅଫ କମର୍ସ ସଭାପତି ବିଦ୍ୟାଧର ସାହୁ, ଫେସନ ଡିଜାଇନର ସୁଜିତ ମେହେର, ଜିଲ୍ଲା ଯାଦବ ସମାଜର ପୂର୍ବତନ ସଭାପତି ଡମ୍ବରୁଧର ଲହଜଳ, ବିଜେପି ନେତା ଜନ୍ମେଜୟ ରାଉତ, ହିମାଂଶୁ ପଣ୍ଡା, ହରେକୃଷ୍ଣ ପଣ୍ଡା, ନାରିନେତ୍ରୀ ତିଲୋତ୍ତମା ନାଏକ ସମେତ ଧର୍ମଗଡ଼ ଅଞ୍ଚଳର ଆବାଳ ବୃଦ୍ଧବନିତା ସାମିଲ ହୋଇଥିଲେ । ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଚକକୁ ଭବ୍ୟ ସ୍ୱାଗତ ପୂର୍ବକ ପୂଜାର୍ଚ୍ଚନା କରାଯାଇଛି । ନନ୍ଦିଘୋଷ ରଥଚକକୁ ନିତ୍ୟ



ପୂଜାର୍ଚ୍ଚନା ସହ ପ୍ରତେକ ଦିନ ଭକ୍ତ ମନ୍ଦିର ବେଢ଼ାରେ ଦର୍ଶନ କରିପାରିବେ ।

# ସାମୂହିକ ଏକାଦଶୀ ବ୍ରତ ଉଦ୍‌ଯାପନୀ

**ଧର୍ମଗଡ଼, ୧୨।୧୧(ସମିସ):** ସାମ୍ପ୍ରତିକ ସ୍ଥିତିରେ ଉନ୍ନତି ଓ ଜଗତକଲ୍ୟାଣ ନିମନ୍ତେ ଶ୍ରୀଶ୍ୟାମ ପରିବାର ପକ୍ଷରୁ ଧର୍ମଗଡ଼ସ୍ଥିତ ଶ୍ୟାମ କୁଟୀର ପରିସରରେ ଶ୍ରୀରାଣୀ ସତୀ ଦାଦିଜୀଙ୍କ ମଙ୍ଗଳ ପାଠ ଓ ସାମୂହିକ ଏକାଦଶୀ ବ୍ରତ ଉଦ୍‌ଯାପନୀ ହୋଇଯାଇଛି । ତିନିଦିନ ଧରି ଆୟୋଜିତ ଭଗବତ କାର୍ଯ୍ୟକ୍ରମରେ ବଜରଙ୍ଗ ଲାଲ ଅଗ୍ରୱାଲ ଶସ୍ତିକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମରେ ଧର୍ମଗଡ଼ ଅଞ୍ଚଳ (ଶ୍ୟାମ ପରିବାର ସଦସ୍ୟ) ର ୪୦ ଯୋଡା ବ୍ରତୀ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ପୂଜକ ଭାବେ ବନାରସର ପଣ୍ଡିତ ଅନିଲ ଶର୍ମା ଅନ୍ୟ ସାତ ଜଣ ବ୍ରାହ୍ମଣଙ୍କ ସହ ଯୋଗ ଦେଇ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ । ସନ୍ଧ୍ୟାରେ ଶ୍ୟାମ ବାବାଙ୍କ ଏକ ଭବ୍ୟ ରଥ ଯାତ୍ରା ରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ନଗର ପରିକ୍ରମା କରିଥିଲେ ।

# ଆଦ୍ୱିକା କାର୍ଯ୍ୟକ୍ରମରେ ୨୦ କିଶୋରୀଙ୍କ ଏକ୍ସପୋଜର ଭିଜିଟ୍

**ନୂଆପଡ଼ା, ୧୨।୧୧(ସମିସ):** ଜିଲ୍ଲା ସମାଜ କଲ୍ୟାଣ ବିଭାଗ ନୂଆପଡ଼ା ଦ୍ୱାରା ପରିଚାଳିତ ଆଦ୍ୱିକା କାର୍ଯ୍ୟକ୍ରମର କିଶୋରୀ ବାଳିକାମାନଙ୍କ ପାଇଁ ଏକ ଏସ୍କପୋଜର ଭିଜିଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ନୂଆପଡ଼ା ଓ କୋମନା ବ୍ଲକ ଅନ୍ତର୍ଗତ ବିଭିନ୍ନ ଆଦ୍ୱିକା କ୍ଲବରୁ ୨୦ ଜଣ କିଶୋରୀ ସାମିଲ ହୋଇଥିଲେ । ଏହି ଭିଜିଟରେ ସାମିଲ ହୋଇଥିବା ସମସ୍ତ କିଶୋରୀମାନେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ସାକ୍ଷାତ କରିଥିଲେ । ଜିଲ୍ଲାପାଳ ସମସ୍ତ କିଶୋରୀ ବାଳିକାମାନଙ୍କୁ ନିଜର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଶିକ୍ଷା ନିତାନ୍ତ ଜରୁରୀ ଏବଂ ଏହା ଦ୍ୱାରା ସେମାନେ ଆଗାମୀ ଦିନରେ ସୁନାଗରିକ ହୋଇ ଗୋଟିଏ ଉତ୍ତମ ସମାଜ ଗଠନରେ ସହାୟକ ହୋଇ ପାରିବେ ବୋଲି ଉତ୍ସାହିତ କରିଥିଲେ । ପରେ ସମସ୍ତ କିଶୋରୀ ବାଳିକା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜିଲ୍ଲା ଅଦାଲତ, ଏସ୍‌ପି ଅଫିସ୍, ବୈଷୟିକ ଶିକ୍ଷ ତାଲିମ କେନ୍ଦ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପୋଷ୍ଟ ଅଫିସ, ଶିକ୍ଷା ବିଭାଗ ଇତ୍ୟାଦି ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସଙ୍ଗିତା ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା । ରଞ୍ଜନ କୁମାର ସାହୁ ଜିଲ୍ଲା ସଂଯୋଜକ ଏହାର ପରିଚାଳନା କରିଥିଲେ ଓ ବିଳାସିନି ଶବର, ପ୍ରତିମା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

# ୧୫ରେ ପାଳନ ହେବ ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀ



**ନୂଆପଡ଼ା, ୧୨।୧୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ସମଗ୍ର ଦେଶରେ ଏବେ ଧର୍ତ୍ତୀ ଆବ୍‌ବା ଜନଜାତି ଗ୍ରାମୀଣ ଉତ୍କର୍ଷ ଅଭିଯାନ ପାଳନ ହେବାକୁ ଯାଉଛି । ଅବସରରେ ପ୍ରଧାନମନ୍ତ୍ରୀ ଆସନ୍ତା ୧୫ ତାରିଖରେ ବିହାର ଯାମୁଇରେ ଏକ ବିଶାଳ ଆଦିବାସୀ ସମାରୋହରେ ଯୋଗଦେଇ ୬୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ଘଟଣାବଳୀଗୁଡିକର ସମୁଚିତ ପ୍ରଚାରପ୍ରସାର ପାଇଁ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପଡ଼ିଆରେ ତିନି ହଜାର ଆଦିବାସୀ ଏବଂ ଆଦିମ ଜନଜାତି ମାନଙ୍କ ଏକ ବିଶାଳ ସାଧାରଣ ସଭାର ଆୟୋଜନ କରାଯାଉଛି । ଏହାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ସୂଚନା ଦେଇଥିଲେ ଯେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଯେଉଁ ଗ୍ରାମରେ ଜନସଂଖ୍ୟାର ୫୦ ପ୍ରତିଶତରୁ ଅଧିକ ଆଦିବାସୀ ଅଛନ୍ତି ସେହିପରି ୨୬୦ଟି ଗ୍ରାମକୁ ସାମିଲ୍ କରାଯାଇଛି । କୋମନା ବ୍ଲକ ପଡ଼ିଆରେ ହେବାକୁ ଥିବା ଏହି ମେଳାରେ ସ୍ୱାସ୍ଥ୍ୟ ସେବା, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ, ଆଧାର କାର୍ଡ, ପ୍ରଧାନମନ୍ତ୍ରୀ ଜନଧନ ଖାତା, ପିଏମ୍ କିଶାନ୍, ଜାତି ପ୍ରମାଣପତ୍ର, ଖାଉଟି କାର୍ଡ ଇତ୍ୟାଦି ସେବା ଯୋଗାଇଦେବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ନିୟୋଜିତ ହେବେ । ଜାମୁଇରେ ହେଉଥିବା ପ୍ରଧାନମନ୍ତ୍ରୀଙ୍କ ବିଶାଳ କାର୍ଯ୍ୟକ୍ରମର ସିଧାପ୍ରସାରଣ ଏଠାରେ ପ୍ରଦର୍ଶିତ ହେବା ସହିତ ଚକୋଟିଆ ଭୂଞ୍ଜିଆ ଏବଂ ଅନ୍ୟ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ ଗୀତ ପରିବେଷଣ ହେବ । ଏଥିରେ ଜିଲ୍ଲାର ଲୋକପ୍ରତିନିଧିଙ୍କ ସହିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେବେ ।

# ନିୟମିତ ଆସୁନାହାନ୍ତି ଫାର୍ମାସିଷ୍ଟ

**କର୍ଲାମୁଣ୍ଡା, ୧୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଭାବେ ନିଜର ଦାୟିତ୍ୱ ସମ୍ପାଦନ କରୁନାହାନ୍ତି ଫାର୍ମାସିଷ୍ଟ । ସରକାରଙ୍କ ନୂତନ ନିୟମ ଅନୁଯାୟୀ ଜଣେ ଫାର୍ମାସିଷ୍ଟ ସକାଳ ୮ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ଓ ଅପରାହ୍ନ ତିନିଟାରୁ ପାଞ୍ଚଟା ସମୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାର ନିୟମ ରହିଥିବା ବେଳେ ଏଠାରେ କିନ୍ତୁ ଦେଖାଯାଇଛି ବ୍ୟତିକ୍ରମ । ନିୟମିତ ଭାବେ ଆସୁନଥିବା ବେଳେ ଯେବେ ବି ଫାର୍ମାସିଷ୍ଟ ଗଣେଶ ରଣା ଆସୁଛନ୍ତି ମଧ୍ୟାହ୍ନ ୧୨ ଟା ଯାଏଁ ରହି ଘରକୁ ଫେରି ଯାଉଛନ୍ତି । ଫଳରେ ଏହି ଅଞ୍ଚଳର ଅଧିବାସୀ ଅପରାହ୍ନରେ ସ୍ୱାସ୍ଥ୍ୟସେବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ସେତିକି ନୁହେଁ, ଡାକ୍ତରଙ୍କ ଦ୍ୱାରା ଲେଖା ଯାଇଥିବା ଔଷଧ ରୋଗୀ ଙ୍କୁଡାକ୍ତରଖାନାରୁ ଦେବା ବଦଳରେ ବାହାରୁ କିଣି ନେବାକୁ ପରାମର୍ଶ ଦେଇଥିବା ମଧ୍ୟ ଅଭିଯୋଗ ହେଉଛି । ଏନେଇ ସମ୍ପୃକ୍ତ ମେଡିକାଲ ଅଫିସର ଡା ଗୋଲକେଶ ମନ୍ତ୍ରୀଙ୍କୁ ପଚାରିବାରୁ ଅଭିଯୋଗକୁ ଖଣ୍ଡନ କରିବା ସହ ସେ ନିୟମିତ ଆସୁଛନ୍ତି ବୋଲି କହି ତୁରନ୍ତ ଫୋନ କାଟିଦେଇଥିଲେ ।

# ଲାଞ୍ଜିଗଡ଼ରେ ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ



**ଭବାନୀପାଟଣା, ୧୨।୧୧(ସମିସ)**:ଲାଞ୍ଜିଗଡ଼ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ଆଜି ପୂରଣ ହୋଇଛି । ଲାଞ୍ଜିଗଡ଼ରେ ଆଜି ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହୋଇଛି ଜେଏମଏଫସି କୋର୍ଟ । ଆଭାସୀ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ, ବିଚାରପତି ଭି. ନରସିଂହ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲା ଓ ସେସନ ବିଚାରପତି ଅନୁପରଞ୍ଜନ ପଟ୍ଟନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଚରଣଜିତ ଓରାମ, ଲାଞ୍ଜିଗଡ଼ ଜେଏମ୍‌ଏଫସି ବିଚାରପତି ନାଜେଦା ଖାତୁନ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ, କଳାହାଣ୍ଡିବାର ଏସୋସିଏସନର ସଭାପତି ସୁଧାଂଶୁ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପରେ ପରେ ଲାଞ୍ଜିଗଡ଼ ଜେଏମ୍‌ଏଫସି କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଆୟୋଜିତ ସାଧାରଣ ସଭାରେ ଉପରୋକ୍ତ ଅତିଥିମାନଙ୍କ ସହିତ କମିଟିର ସଭାପତି ରାଜେନ୍ଦ୍ର ସିଂଦେଓ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଧ୍ୱଜ ପେସନିଆ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ବରିଷ୍ଠ ଆଇନଜୀବୀ ରଘୁନାଥ ମହାଖୁଡ଼, ସିଦ୍ଧାର୍ଥ ନାୟକ, ଅନୱର ଭାରତୀ, ଅନନ୍ତ ମହାଖୁଡ଼, ଲାଞ୍ଜିଗଡ଼ ଯୁବକ ସଂଘର ସଭାପତି ହିମାଦ୍ରୀ ପେସନିଆ ପ୍ରମୁଖ ମଞ୍ଚାସୀନ ଥିଲେ । ବରିଷ୍ଠ ଆଇନଜୀବୀ ସୁବ୍ରତ ବହିଦାର ସଭା ପରିଚାଳନା କରିଥିବାବେଳେ ଶ୍ରୀମୁଖ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଘୁମୁରା, ବଜାଶାଲ, ସଲପ ନିଶାନ, ସଂକୀର୍ତ୍ତନର ତାଳେ ତାଳେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିବାବେଳେ ନିୟମଗିରିର କୁଟିଆ କନ୍ଧ ମହିଳାମାନେ ପାରମ୍ପରିକ ବେଶ ପୋଷାକରେ ସଜ୍ଜିତ ହୋଇ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ସହିତ ସ୍ୱାଗତ କରିଥିଲେ । ଏହି ଅବସରରେ କଳାହାଣ୍ଡି ବାର ଏସୋସିଏସନ ସମେତ ଜିଲ୍ଲାର ବିଭିନ୍ନ ବାର ଏସୋସିଏସନରୁ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ । ସେହିପରି ଲାଞ୍ଜିଗଡ଼ ବ୍ଲକର ୨୬ ଗୋଟି ପଞ୍ଚାୟତ ଅଞ୍ଚଳରୁ ସରପଞ୍ଚ ଓ ସମିତି ସଭ୍ୟ ଓ ବହୁ ସଂଖ୍ୟାରେ ପୁରୁଷ, ମହିଳା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଡିଏସପି ଅଜୟ ଦାସ, ଲାଞ୍ଜିଗଡ଼ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ପୁଲିସବାହିନୀ ନିୟୋଜିତ ଥିଲେ ।



## ୩୮ ତମ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ




**ବଙ୍ଗୋମୁଣ୍ଡା,୧୨।୧୧(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ସଦରସ୍ଥିତ ସାର୍ବଜନୀନ ଖେଳପଡ଼ିଆରେ ଅଞ୍ଚଳର ପ୍ରସିଦ୍ଧ ୩୮ ତମ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପୌରାଣିକ କଥାବସ୍ତୁ ଆଧାରିତ ନାଟ୍ୟାଭିନୟ ପରିବେଷିତ ହୋଇଥିଲା। ବରିଷ୍ଠ କଳାକାରଙ୍କ ଦ୍ୱାରା ନିଖୁଣ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସୋମବାର ସନ୍ଧ୍ୟାରେ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ଚଳିତ ବର୍ଷ ହସ୍ତୀ ପିଠିରେ ବସି ଉଗ୍ରସେନ ମହାରାଜ ରଙ୍ଗମଞ୍ଚକୁ ପାତ୍ର, ମନ୍ତ୍ରୀଙ୍କ ସହ ପହଞ୍ଚିଥିଲେ। ପୌରାଣିକ ନାଟ୍ୟବସ୍ତୁ ଆଧାରିତ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ଧନୁଯାତ୍ରା ମହୋତ୍ସବର ପ୍ରତିଷ୍ଠାତା ସ୍ୱର୍ଗତ ମାଧବ ହଂସ, ପୂର୍ବତନ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ସ୍ୱର୍ଗତ ସୁଦାମ ସିନ୍ଧୁରଙ୍କ ଅମର ଆତ୍ମାର ସଦଗତି କାମନା କରିବା ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଉଗ୍ରସେନ ମହାରାଜ ଙ୍କ ରାଜଦରବାରକୁ ରାଜକୀୟ ଅତିଥି ଭାବେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସ୍ୱଶକ୍ତି ଜାଗରଣ ସେବା ସଂସ୍ଥାନ ବ୍ରହ୍ମପୁରର ସଂସ୍ଥାପକ ଟି.କ୍ରିଷ୍ଣା ପାତ୍ର, ବଙ୍ଗୋମୁଣ୍ଡା ବିଡିଓ ଶଙ୍କର୍ଷଣ ବେହେରା, ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ଜିଲ୍ଲା ପରିଷଦ ବଙ୍ଗୋମୁଣ୍ଡା ଓମ୍ ପ୍ରକାଶ କୁମ୍ଭାର ଯୋଗଦେଇଥିଲେ। ଧନୁଯାତ୍ରା କମିଟିର ସଭାପତି ତୁଳସୀରାମ ହଂସ, କାର୍ଯ୍ୟକାରୀ ସଭାପତି ଆନନ୍ଦ ଅଗ୍ରୱାଲ, ସାଧାରଣ ସମ୍ପାଦକ ରଶ୍ମୀରଞ୍ଜନ ପୁଟେଲ, ଉପସଭାପତି ଶରତ ଚନ୍ଦ୍ର ସିଂ ଭୋଇ, ଉପସଭାପତି ଡ଼ ନାରାୟଣ ମିଶ୍ର, ସାଂସ୍କୃତିକ ସମ୍ପାଦକ ଘନଶ୍ୟାମ ମନହୀରା, କୋଷାଧ୍ୟକ୍ଷ ମୁକେଶ ଜୈନ ପ୍ରମୁଖଙ୍କ ସହ କମିଟି କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ୧୫ କୁଇଣ୍ଟାଲ ଖଇର କାଠ ଜବତ

**ବଙ୍ଗୋମୁଣ୍ଡା,୧୨।୧୧(ସମିସ):** ବଙ୍ଗୋମୁଣ୍ଡା ବନବିଭାଗ ପାଟ୍ରୋଲିଂ କରୁଥିବା ସମୟରେ ବେଆଇନ ଭାବରେ ଚୋରାଚାଲାଣ ହେଉଥିବା ୧୫କୁଇଣ୍ଟାଲ ଖଇରକାଠ ବୋଝେଇ ପିକଅପ ଭ୍ୟାନ ଜବତ କରିଛି। ଦୁଇ ଜଣ କାଠ ମାଫିଆ ଫେରାର ମାରିଥିବା ସୂଚନା ମିଳିଛି।

### ଦେଢ଼ ମାସ ଭିତରେ ତିନି ଦନ୍ତାଙ୍କ ମୃତ୍ୟୁ ଘଟଣା

# ତଦନ୍ତରେ ତଥ୍ୟ ମାଗିଲା ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ

**ବଲାଙ୍ଗିର,୧୨।୧୧(ସମିସ)**

ବଲାଙ୍ଗିର ଜିଲ୍ଲାରେ ଗତ ଦେଢ଼ମାସ ଭିତରେ ହୋଇଥିବା ତିନି ହାତୀ ମୃତ୍ୟୁ ଘଟଣାକୁ ନେଇ ଏବେ ଅଡୁଆରେ ବନ ବିଭାଗ। ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏବେ ଡିଏଫ୍‌ଓଙ୍କ ଉପରେ ଝୁଲୁଛି ଖଣ୍ଡା। ରାଜ୍ୟର ବଲାଙ୍ଗିର ଓ ଅନ୍ୟସ୍ଥାନରେ ହୋଇଥିବା ହାତୀ ମୃତ୍ୟୁଘଟଣାର ସବିଶେଷ ରିପୋର୍ଟ ଓ ଏହି ଘଟଣାରେ ନିଆଯାଇଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ନେଇ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ତଥ୍ୟ ମାଗିବା ପରେ ଏବେ ବଲାଙ୍ଗିର ବନବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାରେ ଦେଢ଼ମାସ ଭିତରେ ହୋଇଥିବା ତିନି ହାତୀ ମୃତ୍ୟୁ ଘଟଣାରେ ଯଦିଓ କିଛି ଲୋକଙ୍କୁ ବନ ବିଭାଗ ଗିରଫ କରିଛି କିନ୍ତୁ ଏଯାଏଁ କୌଣସି ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏଥିରୁ ସ୍ପଷ୍ଟ ଏହି ହାତୀ ମୃତ୍ୟୁ ଘଟଣାରେ ହୁଏତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ନାହିଁ କିମ୍ବା ଅବହେଳା କରିଥିବା ଅଧିକାରୀଙ୍କୁ ଡିଏଫଓ ସୁରକ୍ଷା ପ୍ରଦାନ କରିଛନ୍ତି। ବଲାଙ୍ଗିର ଜିଲ୍ଲାରେ ଗତ ଦେଢ଼ ମାସ ଭିତରେ ତିନୋଟି ହାତୀ ମୃତ୍ୟୁ ଘଟଣା ସାମ୍ନାକୁ ଆସିଥିଲା। ଏହା ସହିତ ସାରା ରାଜ୍ୟରେ ବହୁ ସଂଖ୍ୟାରେ ହାତୀ ମୃତ୍ୟୁ ଘଟଣା ସାମ୍ନାକୁ ଆସିବା ପରେ ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଛି। ବର୍ଷ ଆରମ୍ଭରୁ ୫୦ରୁ ଅଧିକ ହାତୀ ମୃତ୍ୟୁ ଘଟଣାର ଛାନଭିନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ସ୍ୱତନ୍ତ୍ର ଭାବେ ଢେଙ୍କାନାଳ, ଆଠମଲ୍ଲିକ, ବଲାଙ୍ଗିର ଓ ରାଉରକେଲା ଡିଏଫଓଙ୍କୁ ୧୧ ତାରିଖରେ ଆଉ ଏକ ଚିଠି ମାଧ୍ୟମରେ ନୋଟିସ୍ କରାଯାଇଛି। ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ଚିଠି ନଂ ୧୩୫୦୧ ଏହି ଡିଏଫଓମାନଙ୍କୁ ୧୫ ଦିନ ଭିତରେ ହାତୀ ମୃତ୍ୟୁ ଘଟଣାର ସବିଶେଷ ତଥ୍ୟ ସହ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏହି ଚିଠିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ହାତୀ ମୃତ୍ୟୁ ଘଟଣା ପରେ କରାଯାଇଥିବା ତଦନ୍ତ ରିପୋର୍ଟ ସହ ନିଆଯାଇଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶ ଆସିବାପରେ ଏବେ ବଲାଙ୍ଗିର ବନ ବିଭାଗର ଅଡୁଆ ବଢିଛି। ଜିଲ୍ଲାରେ ହୋଇଥିବା ତିନି ଦନ୍ତା ହାତୀ ମୃତ୍ୟୁ ଘଟଣା ମଧ୍ୟରୁ ଦୁଇଟି ହାତୀର ବାର୍‌ହା ଫାଶରେ ହିଁ ଜୀବନ ଯାଇଛି। ଗୋଟିଏ ଘଟଣାରେ ଦାନ୍ତ ମଧ୍ୟ ଚୋରି ହୋଇଛି। ଉକ୍ତ ଦୁଇ ଘଟଣାରେ ସାତ ଜଣ ବାରହା ଶିକାରି ଗିରଫ ହୋଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ଜିଲ୍ଲାରେ ଥିବା ଜଙ୍ଗଲରେ ବାରହା ଶୀକାର କିଛି ମାସ ମଧ୍ୟରେ ବୃଦ୍ଧି ପାଇଛି। ଯାହାକୁ ଧରିବାରେ ବନ ବିଭାଗ ବିଫଳ ହୋଇଛି। ଅର୍ଥାତ ଉଭୟ ପାଟଣାଗଡ ରେଞ୍ଜ ଓ ସଦର ରେଞ୍ଜ ହାତୀ ମୃତ୍ୟୁ ଘଟଣାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ସ୍ପଷ୍ଟ ହୋଇଛି। ସେହିପରି ଆଉ ଏକ ହାତୀ ମୃତ୍ୟୁ ଘଟଣାରେ ରୋଗ ଯୋଗୁ ଦନ୍ତାର ମୃତ୍ୟୁ ହୋଇଥିବା ବନ ବିଭାଗ କହିଥିଲା। ଏହା ସହିତ ଏହା ମଧ୍ୟ ବନ ବିଭାଗର ଅଧିକାରୀ ମାନେ କହିଥିଲେ ପୂର୍ବରୁ ରୋଗୀଣା ହାତୀ ବିଷୟରେ ବନ ବିଭାଗକୁ ଜଣାଥିଲା। ତେବେ ଉକ୍ତ ହାତୀର କାହିଁକି ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରାଗଲା ନାହିଁ। ସେହି ସମୟରେ ହୁଏତ ଯଦି ବନ ବିଭାଗ ଏହି ପଦକ୍ଷେପ ନେଇଥାନ୍ତା ତେବେ ହାତୀ ମୃତ୍ୟୁ ସଂଖ୍ୟା ଦୁଇରେ ସୀମିତ ରହିପାରିଥାନ୍ତା। ସୂଚନା ଅନୁସାରେ ଏହି ତିନି ହାତୀ ମୃତ୍ୟୁ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କହିଲେ କେବଳ କାରଣ ଦର୍ଶାଅ ନୋଟିସରେ ହିଁ ସୀମିତ ରହିଛି। ଆଜି ପର୍ଯ୍ୟନ୍ତ ଜଣେ ଫରେଷ୍ଟ ଗାର୍ଡଙ୍କୁ ଛାଡିଦେଲେ କାହା ଉପରେ ବି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେବେ ଏସିଏଫ ଜିତେନ୍ଦ୍ର ସାହୁଙ୍କ କହିବା ଅନୁସାରେ କେବଳ ଅସୁରଡୁଙ୍ଗୁରୀ ହାତୀ ମୃତ୍ୟୁ ଓ ଦାନ୍ତ ଚୋରି ଘଟଣାରେ ଫରେଷ୍ଟ ଗାର୍ଡ ରାଜେଶ୍ୱରୀ ନାଗଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ସରିବା ପରେ ଯେଉଁ ଅଧିକାରୀଙ୍କ ଭୁଲଥିବ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗକୁ ସୁପାରିଶ କରାଯିବ ବୋଲି ଶ୍ରୀ ସାହୁ ପ୍ରତିକ୍ରୀୟାରେ କହିଛନ୍ତି।

> **ଜଣେ ମାତ୍ର ତଳିଆ କର୍ମଚାରୀ ନିଲମ୍ବିତ**
>
> **ନିର୍ଦ୍ଦେଶ ପରେ ଅଡୁଆରେ ବନ ବିଭାଗ**
>
> **୧୫ ଦିନ ଭିତରେ ରିପୋର୍ଟ ପ୍ରଦାନ ପାଇଁ ନୋଟିସ୍**

## ଛାତ୍ରୀଙ୍କୁ କମେଣ୍ଟ କରିବାରୁ ଗଣ୍ଡଗୋଳ

**କଣ୍ଟାବାଞ୍ଜି,୧୨।୧୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ଧାମନଡ଼ଙ୍ଗା ଯିବା ରାସ୍ତାରେ ସ୍ଥାପିତ ହୋଇଛି କଣ୍ଟାବାଞ୍ଜି କେଭି କଲେଜ। ଯେଉଁ ଶିକ୍ଷା ଅନୁଷ୍ଠାନକୁ ଶହଶହ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସୁଛନ୍ତି। ହେଲେ ଏହି କଲେଜକୁ ଆସୁଥିବା ଛାତ୍ରୀମାନେ ଅସୁରକ୍ଷିତ ଥିବା ମନେ କରୁଛନ୍ତି। କାରଣ କଲେଜ ପରିସରକୁ ବାହାର ଯୁବକମାନେ ପ୍ରବେଶ କରି କଲେଜ ଛାତ୍ରୀଙ୍କୁ କମେଣ୍ଟ କରୁଥିବା ଅଭିଯୋଗ ହେଉଛି। ମଙ୍ଗଳବାର ଜଣେ ଛାତ୍ରୀଙ୍କୁ କଲେଜ ପରିସରରେ ଜଣେ ବାହାର ଯୁବକ କମେଣ୍ଟ କରିବାରୁ ଗଣ୍ଡଗୋଳ ହୋଇଥିଲା। ଏହାପରେ ଯୁବକଙ୍କୁ ଲୋକେ ଉତ୍ତମ ମଧ୍ୟମ ଦେଇଥିବା ଚର୍ଚ୍ଚା ହୋଇଛି। କଣ୍ଟାବାଞ୍ଜି କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ବାହାର ଯୁବକମାନେ କଲେଜ ପରିସରକୁ ପ୍ରବେଶ କରୁଥିବା ଅଭିଭାବକମାନେ କହିଛନ୍ତି। ଏହି କଲେଜକୁ ଯୁକ୍ତ ଦୁଇ, ଯୁକ୍ତ ତିନ ଏବଂ ପିଜି ପାଠ ପଢିବାକୁ ଶହଶହ ଛାତ୍ରୀ ଆସୁଛନ୍ତି। ତେବେ କଣ୍ଟାବାଞ୍ଜି ପୁଲିସ କଡ଼ା ନଜର ଦେଇ ପ୍ରତ୍ୟେକ ଦିନ କଲେଜ ସମୟରେ ପାଟ୍ରୋଲିଙ୍ଗ ବ୍ୟବସ୍ଥା କରିବା ସହ କଲେଜ ପରିସର ରହୁଥିବା ବାହାର ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବଗବାହାଲ ବିଦ୍ୟାଳୟରେ ତିଥି ଭୋଜନର ଶୁଭାରମ୍ଭ

**ତୁରେକେଲା,୧୨।୧୧(ସମିସ):** ତୁରେକେଲା ବ୍ଲକ୍ ଅଧୀନ ବଗବାହାଲ ପ୍ରାଥମିକ ବିଦ୍ୟାଳୟରେ କାର୍ତ୍ତିକମାସ ଶୁକ୍ଳପକ୍ଷ ଦଶମୀ ଶେଷ ସୋମବାର ଦିନ ତିଥି ଭୋଜନର ଶୁଭାରମ୍ଭ ହୋଇଥିଲା। ତୁରେକେଲା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁନି ସାହୁ ଛାତ୍ରଛାତ୍ରୀମାନଙ୍କୁ ତିଥି ଭୋଜନ ଦେବା ପାଇଁ ଆୟୋଜନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଅତିରିକ୍ତ ଶିକ୍ଷାଧିକାରୀ ଫକୀର ଚରଣ ବିଶି, ସରପଞ୍ଚ ଜଳନ୍ଧର ମହାକୁଡ଼, ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ସେଲମା, ଶଶୀଧର ନିଆଲ, ବୃନ୍ଦାବନ ନାଗ, ଅମିର ଛତ୍ରିଆ, ଶିକ୍ଷକ ବିରଞ୍ଚି ନାରାୟଣ ବାରିକ, ସନ୍ଦୀପ କୁମାର ପାତ୍ର, ସିଆରସିସି ପ୍ରେମରାଜ ପାଣିଗ୍ରାହୀ, ମୋହନ ବରିହା, ଦିବାନୀ ରଣାଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜି 'ଆଲିସାନ' ସିନେମା ହଲ ସିଲ୍

### ବେଆଇନ ଭାବେ ଚାଲିଥିଲା, ଚଢ଼ଉ କଲା ପ୍ରଶାସନ






**କଣ୍ଟାବାଞ୍ଜି,୧୨।୧୧(ସମିସ):** ବେଆଇନ ଭାବେ ଚାଲିଥିବା ବଲାଙ୍ଗିର ଜିଲ୍ଲାର ଜଣାଶୁଣା ସିନେମା ହଲ୍ 'ଆଲିସାନ'କୁ ସିଲ୍ କରିଛି ପ୍ରଶାସନ। ମଙ୍ଗଳବାର ପୁଲିସ ଓ ତହସିଲ ପକ୍ଷରୁ ତନାଘନା ପରେ ସିଲ୍ କରାଯାଇଛି। ଗତ ୮ ମାସହେଲା ବିନା ଲାଇସେନ୍ସରେ ସିନେମା ହଲ୍ ଚାଲିଥିବା ଖବର ପାଇବାପରେ ବେଲପଡ଼ା ତହସିଲଦାର, ପୁଲିସ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ସମସ୍ତେ ମିଳିତଭାବେ ଯାଞ୍ଚ କରିଥିଲା। ଯାଞ୍ଚ ପରେ ସିନେମା ହଲ୍‌ର ଲାଇସେନ୍ସ ରିନୁଆଲ ହୋଇ ନ ଥିବା ଜଣାପଡ଼ିଛି। ଆଶିଷ ଅଗ୍ରୱାଲ ଓ ରାହୁଲ ଅଗ୍ରୱାଲଙ୍କ ଏହି ସିନେମା ହଲ୍ ଚଳାଉଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ଏହି ସିନେମାହଲର ଲାଇସେନ୍ସ ଅବଧି ଗତ ମାର୍ଚ୍ଚମାସରେ ଶେଷ ହୋଇଥିବାବେଳେ ଦୀର୍ଘ ୮ ମାସ ହେଲା ବେଆଇନ ଭାବେ ସିନେମା ହଲ ଚାଲିଥିଲା। ପ୍ରତ୍ୟେକ ଦିନ ଏଠାକୁ ଶହ ଶହ ଲୋକ ସିନେମା ଦେଖିବାକୁ ଆସୁଥିବାବେଳେ ସିନେମା ହଲର ଅଗ୍ନିଶମ ବିଭାଗ ପ୍ରମାଣପତ୍ର ଅବଧି ମଧ୍ୟ ଶେଷ ହୋଇଥିଲା। ପୂର୍ବରୁ ମଧ୍ୟ ଏହି ସିନେମା ହଲରେ କଣ୍ଟାବାଞ୍ଜିର ତତ୍କାଳୀନ ବିଧାୟକଙ୍କ ପୁଅ ସହ ମାଲିକ ଓ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଯାହା କି ରାଜ୍ୟରେ ଚର୍ଚ୍ଚା ବିଷୟ ପାଲଟିଥିଲା। ଅନେକ ସମୟରେ ଆଲିସାନ ସିନେମାହଲ ମାଲିକ ସରକାରୀ ନିୟମ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଆସୁଛି। ମଙ୍ଗଳବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସିନେମାହଲ ସିଲ୍ କରାଯାଇଥିବାବେଳେ ଏହା କେତେ ଦିନ ପାଇଁ ସିଲ୍ କରାଯାଇଛି ତାହା ଜଣାପଡ଼ିନାହିଁ। ତେବେ ହଲ୍ ମାଲିକ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନା ସଲାସୁତୁରା କରି ଚୁପ୍ ରହିବ ତାହା ଦେଖିବାକୁ ରହିଲା।

## ନିଶା ନିବାରଣ ପ୍ରଶିକ୍ଷଣ ଶିବିର




**ପାଟଣାଗଡ଼,୧୨।୧୧(ସମିସ):** ପାଟଣାଗଡ଼ ବ୍ଲକ୍‌ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପିପୁଲ୍ସ ଫୋରମ ବଲାଙ୍ଗିର ନିଶା ନିବାରଣ କେନ୍ଦ୍ର ଆନୁକୂଲ୍ୟରେ ବ୍ଲକ ପ୍ରଶାସନ ଓ ପଞ୍ଚାୟତସ୍ତରୀୟ ଜନପ୍ରତିନିଧି ମାନଙ୍କୁ ନେଇ ନିଶା ନିବାରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଅଭ୍ୟାସଗତ ନିଶାଖୋରମାନଙ୍କୁ କିଭଳି ମୁଖ୍ୟ ସ୍ରୋତକୁ ଫେରାଇ ଅଣାଯିବ ଏନେଇ ସଚେତନତା କରାଯାଇ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସରକାରଙ୍କ ତରଫରୁ ପ୍ରୋତ୍ସାହନ ପାଇଥିବା ପିପୁଲ୍ସ ଫୋରମ ନିଶା ନିବାରଣ କେନ୍ଦ୍ର ବଲାଙ୍ଗିର ଠାରେ ମାଗଣାରେ ଚିକିତ୍ସା ହୋଇପାରିବ ବୋଲି କେନ୍ଦ୍ରର ରଶ୍ମୀ ରଞ୍ଜନ ପରିଡା ମତ ପ୍ରକାଶ କରିଥିଲେ। ଏହି ଶିବିରରେ ପାଟଣାଗଡ଼ ବିଡିଓ ସୁମନ ମିଞ୍ଜ, ନିଶା ନିବାରଣ କେନ୍ଦ୍ର ବଲାଙ୍ଗିରର ପରାମର୍ଶଦାତା ରଶ୍ମୀ ରଞ୍ଜନ ପରିଡ଼ା, ବ୍ଲକର ସମସ୍ତ କର୍ମଚାରୀ, ପଞ୍ଚାୟତ ଗୁଡ଼ିକର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

## ମେଟାକାନୀ ମନ୍ଦିରର ନାମ ଯଜ୍ଞ ପାଇଁ କଳସ ଯାତ୍ରା

**ବଲାଙ୍ଗିର,୧୨।୧୧(ସମିସ):** ବଲାଙ୍ଗିର ସହରସ୍ଥିତ ହାଟପଦା ପଡ଼ା ମା ମେଟାକାନୀ ମନ୍ଦିର କମିଟି ପକ୍ଷରୁ ଦଶମ ବର୍ଷିକ ୨୪ ପ୍ରହରି ନାମଯଜ୍ଞ ପାଳନ କରାଯାଉଛି। କମିଟିର ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଚଳିତ ବର୍ଷ ବହୁ ଅଡମ୍ବରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ସଙ୍କିର୍ତ୍ତନ ଦଳ ଆସିବାର କାର୍ଯ୍ୟକ୍ରମ ରହିଛି। ସତଦଳ ମିଶ୍ର ଓ ସହଧର୍ମିଣୀ ଡାକ୍ତର ମିନାକ୍ଷୀ ବେଦବାକ କର୍ତ୍ତା ଭାବରେ ଥିବାବେଳେ ପୂଜକ ଭାବରେ ମୁଁରାରୀ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି। ମେଟାକାନୀ ମନ୍ଦିରରୁ ୧୫ ଶହରୁ ଊର୍ଦ୍ଧ୍ୱ ମହିଳା ବାହାରି ନରସିଂହ ମନ୍ଦିରରେ ଥିବା ପୋଖରୀରେ ପୂଜାର୍ଚ୍ଚନା ପରେ କଳସ ଯାତ୍ରାରେ ବାହରି ହାତପଡ଼ା ପଡ଼ାସ୍ଥିତ ନାମଯଜ୍ଞମଣ୍ଡଳୀରେ କଳସ ସ୍ଥାପନ କରିଥିଲେ। ୧୨ ତାରିଖ ସକାଳୁ ନାମ ଆରମ୍ଭ ହୋଇ ୧୫ ତାରିଖ ସକାଳ ୯ରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଥିବା କମିଟିର ସଭାପତି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।



## ଧୃବାନନ୍ଦ କଲେଜରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

**ଦେଓଗାଁ,୧୨।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅଧୀନ କୁତୁର୍ଲା ଧୃବାନନ୍ଦ କଲେଜରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପିଏଚ୍‌ଇଓ ସ୍ନେହଲତା ସାହୁ, ନିପା ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଅଧ୍ୟାପକ ବିଜୟ କୁମାର ଜାଲ ଓ ହେମନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଗୌତମ ପଣ୍ଡା ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଶୁଭମ ଗଡ଼ତ୍ୟା ଦ୍ୱୀତିୟ ଓ କବିତା ରଣା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ବଲାଙ୍ଗିରରେ ବନ୍ଦ ହୋଇଯିବ କି ଲୋକ ଉତ୍ସବ ପରମ୍ପରା

**ବଲାଙ୍ଗିର,୧୨।୧୧(ସମିସ):** ଆମ ଅଞ୍ଚଳର କଳା ଓ କଳାକାରଙ୍କୁ ସ୍ୱୀକୃତି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଲୋକ ଉତ୍ସବର ମଞ୍ଚ। ଓଡ଼ିଶାର ସର୍ବପୂରାତନ ଲୋକ ଉତ୍ସବ ଆୟୋଜକ ମଧ୍ୟରୁ ବଲାଙ୍ଗିର ଜିଲ୍ଲା ଅନ୍ୟତମ। ପରମ୍ପରାଗତ ଭାବରେ ଏହା ପ୍ରତିବର୍ଷ ପାଳିତ ହୋଇଆସୁଥିଲା। କିନ୍ତୁ ଦୁଃଖର ବିଷୟ ଗତବର୍ଷ ଲୋକ ମହୋତ୍ସବ ଆୟୋଜିତ ହୋଇ ନ ଥିବାବେଳେ ଚଳିତଥର ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ପ୍ରକାଶ ଯେ ୨୦୨୨ ରେ ବଲାଙ୍ଗିର କୋଶଳ କଳାମଣ୍ଡଳ ପଡ଼ିଆରେ ୨୦ ତମ ଲୋକଉତ୍ସବ ପାଳନ କରାଯାଇଥିଲା। କିନ୍ତୁ ସେହି ଲୋକମହୋତ୍ସବର ଆୟବ୍ୟୟ ଅଟକଳକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହିଦିନ ଠାରୁ ବଲାଙ୍ଗିର ଲୋକ ଉତ୍ସବ ଆୟୋଜନକୁ ନେଇ ଆଶଙ୍କା ଦେଖାଦେଇଛି। ଗତବର୍ଷ ଲୋକଉତ୍ସବ ହୋଇ ନ ଥିବାବେଳେ ଏଥର ମଧ୍ୟ କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ବଲାଙ୍ଗିରର କଳା, ସଂସ୍କୃତିକୁ ଏଭଳି ଭାବରେ ଅପମାନିତ କରାଯାଉଥିବାରୁ ବଲାଙ୍ଗିରିଆ ମାନଙ୍କମନରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନିକ ଅବହେଳା ଓ ଆୟବ୍ୟୟ ଅଟକଳକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କଳାକାର। ଯାହାକି ଧୀରେଧୀରେ ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ ଦିଗକୁ ଟାଣୁଥିବା ସୂଚାଉଛି।

## ସେମାନଙ୍କ ମୁହଁରୁ



ଲୋକଉତ୍ସବ କୌଣସି ପ୍ରକାରେ ବନ୍ଦ ହେବା କଥା ନୁହେଁ। ଯଦି ଜିଲ୍ଲା ପ୍ରଶାସନ ସରକାରୀସ୍ତରରେ ଲୋକଉତ୍ସବର ଆୟୋଜନ କରି ନ ପାରେ ତେବେ ବଲାଙ୍ଗିର ଜିଲ୍ଲାର କଳାକାରମାନେ ବ୍ୟକ୍ତିଗତ ଭାବରେ ଲୋକମହୋତ୍ସବର ଆୟୋଜନ କରିବେ। ଲୋକ ମହୋତ୍ସବ ଭଳି ଏକ ମହାନ ପରମ୍ପରାକୁ ବଞ୍ଚାଇ ରଖିବାକୁ ଜିଲ୍ଲା ପ୍ରଶାସନ ଆଗ୍ରହ ପ୍ରକାଶ ନ କରିବା ପରିତାପର ବିଷୟ। ଓଡ଼ିଶା ସରକାରରେ ବଲାଙ୍ଗିର ଜିଲ୍ଲାରୁ ଏତେ ଦକ୍ଷ ପ୍ରତିନିଧିତ୍ୱ ଥାଇ ଲାଭ କ'ଣ ?

**ଗୋଲାପ ବାଗ,**
**ବରିଷ୍ଠ କଳାକାର ତଥା ପୂର୍ବତନ ବ୍ଲକ୍ ଚେୟାରମ୍ୟାନ**



ବଲାଙ୍ଗିରର ଐତିହାସିକ, ସାଂସ୍କୃତିକ ମଣ୍ଡପର ନାମ କୋଶଳ କଳାମଣ୍ଡପ। ବିଭିନ୍ନ ସମୟରେ ବିଭିନ୍ନ ସାଂସ୍କୃତିକ ଉତ୍ସବ ପ୍ରାରମ୍ଭରେ ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀଙ୍କର ପୂଜାର୍ଚ୍ଚନା ହୋଇଥାଏ। ତାପରେ ବିନା ବାଧାବିଘ୍ନରେ ଉତ୍ସବଟି ସଫଳତାର ସହ ସମାପ୍ତ ହୁଏ। ଦୁଃଖର ବିଷୟ ଲୋକଉତ୍ସବ ବନ୍ଦ ହୋଇଯିବା ଫଳରେ ଏ ବିଶାଳ କୋଶଳ କଳାମଣ୍ଡପ ପଡିଆରେ ପୂଜାଟିଏ ବି ହୋଇପାରିନାହିଁ ଯାହାଫଳରେ ବର୍ତ୍ତମାନ ଭୂତପ୍ରେତଙ୍କର ଆଡ୍ଡାସ୍ଥଳୀ ପାଲଟିଯାଇଥିବା ଅନୁମାନ କରାଯାଉଛି। ଏ ପବିତ୍ର ମାଟିକୁ ପବିତ୍ର ରଖିବାକୁ ହେଲେ ମାଁ ଙ୍କର ପୂଜା ଆୟୋଜନ ହେଉ ଓ ଲୋକଉତ୍ସବ କରାଯାଉ।

**ସନାତନ ଦେବତା,**
**ପୂଜକ, ବଲାଙ୍ଗିର**



ଲୋକକଳାକୁ ବଞ୍ଚାଇ ରଖିବାକୁ ହେଲେ ଲୋକ ମହୋତ୍ସବର ଆୟୋଜନ ହେବା ନିହାତି ଦରକାର। ଆମ ଅଞ୍ଚଳର ପ୍ରତିଭାକୁ ସ୍ମରଣ କରୁଥିବା ମଞ୍ଚହେଉଛି ଲୋକ ମହୋତ୍ସବର ମଞ୍ଚ। ଯଦି ଏ ମଞ୍ଚ ନମିଳେ ତାହାଲେ ବଣର ମଲ୍ଲି ବଣରେ ଝଡ଼ିଯିବ। ସମୟ ଆସିଛି ଏ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ହେବ। ନଚେତ୍ ଆଗାମୀ ପିଢି ଆମକୁ ପ୍ରଶ୍ନ କରିବେ।

**ରସରାଜ ଅଚ୍ୟୁତ ପୁରୋହିତ,**
**ବିଶିଷ୍ଟ ବ୍ୟଙ୍ଗକବି**



ବଲାଙ୍ଗିର ଲୋକଉତ୍ସବ ଅନୁଷ୍ଠିତ ହେଲେ ମୋର ପରିବାରର ସମସ୍ତେ ଆନନ୍ଦିତ ହୁଅନ୍ତି କାରଣ ଉକ୍ତ ଉତ୍ସବରେ ଭଲ ଦୁଇପଇସା ରୋଜଗାରେ କରିହୁଏ। ଉକ୍ତ ଉତ୍ସବଟି ବନ୍ଦ ହୋଇଯିବା ଫଳରେ ମୋ ପରି ଶହଶହ ଛୋଟବଡ଼ ବ୍ୟବସାୟୀଙ୍କର ଜୀବିକା ଉପରେ ପ୍ରଭାବ ପଡୁଛି। ଏଣୁ ଆୟୋଜକ ଉଦ୍ୟଜନଙ୍କୁ ଅନୁରୋଧ ବଲାଙ୍ଗିର ଲୋକଉତ୍ସବ ଏବର୍ଷ ଆୟୋଜନ କରାଯାଉ।

**ଦୁଃଖୁ ମେହେର,**
**କ୍ଷୁଦ୍ର ବ୍ୟବସାୟୀ, ବଲାଙ୍ଗିର**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକ ସଂଘର ବିକ୍ଷୋଭ

**ବଲାଙ୍ଗିର,୧୨।୧୧(ସମିସ):** ଯୋଜନା ଭିତରେ ଫସିଯାଇଛନ୍ତି ଅବିଭାବକ। କରିବେ କଣ ? ନିରୁପାୟ ହୋଇ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଯାଏ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କଲେ। ମାତ୍ର କେହି ଶୁଣିଲେନି। ଶେଷରେ ନିଜ ପିଲାଙ୍କ ଭବିଷ୍ୟତ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି ଅବିଭାବକ ସଂଘ। ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଘରୋଇ ବିଦ୍ୟାଳୟ ଗୁଡ଼ିକର ମନମାନୀ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଅବିଭାବକ। ଶିକ୍ଷା ଅଧିକାରେ ଆଇନ ଏବଂ ଅନ୍ୱେଷା ଯୋଜନା ମାଧ୍ୟମରେ ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଅବିଭାବକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲ୍ଲା ଅବିଭାବକ ସଂଘ (ଆରଟିଇ ଓ ଅନ୍ୱେଷା ଅଧୀନସ୍ଥ)ର ସଭାପତି ସୀତାରାମ କୁମ୍ଭାର ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଯୋଜନାରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ, ପୋଷାକ, ସ୍କୁଲ ବ୍ୟାଗ, ଜୋତା, ମଧ୍ୟାହ୍ନଭୋଜନ ଇତ୍ୟାଦି ଦେବାର ପ୍ରାବଧାନ ରହିଥିଲେ ହେଁ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଏହାକୁ ପାଳନ କରୁନାହାନ୍ତି। ସ୍କୁଲ ମାଲିକ ଓ ଅବିଭାବକ ଟଙ୍କାଦେଇ ଏହି ସବୁ ଉପକରଣ କିଣିବାକୁ ବାଧ୍ୟ କରୁଛନ୍ତି। ଆର୍ଥିକ ଅନଗ୍ରସର ପରିବାରର ଛାତ୍ରଛାତ୍ରୀଙ୍କୁ ମାଗଣାରେ ଘରୋଇ ବିଦ୍ୟାଳୟରେ ପାଠ ପଢିବାର ସୁଯୋଗ ଦେବା ଲକ୍ଷ୍ୟରେ ଏହି ଯୋଜନାମାନ କରାଯାଇଥିବାବେଳେ ସେମାନଙ୍କ ଠାରୁ ଟଙ୍କା ଅସୁଲ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ମତପ୍ରକାଶ ପାଇଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜୌତିଷ ମୁଗ୍ରୀ, ମହେନ୍ଦ୍ର ବେନିଆ, ବିଘ୍ନେଶ୍ୱର ସୁନା, ବିଶ୍ୱାମିତ୍ର କୁମ୍ଭାର, ନଳିନୀ ରଞ୍ଜନ ଦୀପ, ରଞ୍ଜିତା ଛତ୍ରିଆ, ଜୟଶ୍ରୀ ସୁନା, ବାସୁଦେବ ମୁଗ୍ରୀ, ଶମ୍ଭୁ ନାଗ, ତରଣୀସେନ ଦୀପ, କାର୍ତ୍ତିକେଶ୍ୱର ନାଗ, ସତ୍ୟନାରାୟଣ ଭୋଇ, ସତ୍ୟାନନ୍ଦ ସୁନା, ପାଣ୍ଡପଚରଣ କୁମ୍ଭାର, ସରୋଜ ମେଶ୍ରା, ଅଶୋକ ଦୀପ ପ୍ରମୁଖ ମତ ରଖିଥିଲେ। ତାଙ୍କ ସହ ଯୋଜନାରେ ପାଠ ପଢୁଥିବା ସମସ୍ତ ଅବିଭାବକ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ କଳାସୀ ଯାତ୍ରା



**ଶଗଡ଼ା, ୧୨।୧୧(ସମିସ):** କଣ୍ଧମାଳ ବ୍ଲକ ଶିମିଳପଦର ପଞ୍ଚାୟତ ଅନ୍ତର୍ଗତ ଜାମୁମାଳ ଗାଁରେ ମଙ୍ଗଳବାର କଳାସି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାମୁମାଳ ଗାଁରେ ଆଜକୁ ପ୍ରାୟ ୪୫ବର୍ଷ ହେବ କଳାସି ଯାତ୍ରା ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହେଉଛି। ପ୍ରତିବର୍ଷ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀ ଓ ଏକାଦଶୀ ତିଥିରେ ଲଗାତାର ଦୁଇଦିନ ଧରି କଳାସି ଯାତ୍ରା ଅନୁଷ୍ଠିତ ହୋଇଥାଏ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ହୋଇଥାଏ। ଗ୍ରାମର ଗୋବିନ୍ଦ ଦେହେରିଙ୍କ ତତ୍ୱାବଧାନରେ ଯାତ୍ରା ଆଜକୁ ୪୫ବର୍ଷ ହେବ ଅନୁଷ୍ଠିତ ହେଉଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର ସଞ୍ଜୀବ ପାଢ଼ୀ, ଆର୍ଯ୍ୟ ମହାକୁଡ଼, ଆଲୋକ ପାଢ଼ୀ, ରାଜକୁମାର କର୍ଣ୍ଣ, ଅନନ୍ତ କର୍ଣ୍ଣ, ଗୁରୁଖେ ଦେବତା, ସଦାନନ୍ଦ ସାଥୁଆ, କପୁର୍ଚନ ଦେବତା, ବବୁଲୁ ପଣ୍ଡା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ସାନମନମୁଣ୍ଡା, ଗୁଡ଼ଭେଲି ପଦର, କିରିକିଟି ପାଲି, କପାସିରା, ବାଉଳେକ ଆଦି ବିଭିନ୍ନ ଗ୍ରାମରେ କଳାସି ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଜ୍ୟେଷ୍ଠ ବଣ୍ଡକି ମୃତ୍ୟୁ ଘଟଣା

# ଦାବି ପୂରଣ ନ ହେଲେ ଆମରଣ ଅନଶନ ଚେତାବନୀ

**ଶଗଡ଼ା, ୧୨।୧୧(ସମିସ):** ଜ୍ୟେଷ୍ଠ ବଣ୍ଡକି ହତ୍ୟା ଘଟଣାର ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ୪ଟି ପ୍ରମୁଖ ଦାବି ପୂରଣ କରିବାକୁ ବୌଦ୍ଧ ଜିଲ୍ଲା ଆମ୍ବେଦକର ଦଳିତ ସମାଜ ବିକାଶ ପରିଷଦ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅନ୍ତର୍ଗତ ବାଲନ୍ଦା ପଡ଼ା ଜଙ୍ଗଲରେ ପୁଲିସ ଗାଡ଼ି ମଡାଇ ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ବୌଦ୍ଧ ଜିଲ୍ଲା କଣ୍ଟମାଳ ଥାନା ଲମ୍ବସରି ପଞ୍ଚାୟତ ଅନ୍ତର୍ଗତ ବେହେରାପଡ଼ା ଗ୍ରାମର ଜ୍ୟେଷ୍ଠ ବଣ୍ଡକି (୪୪) ନିଜ ସମ୍ପର୍କୀୟ ମାର୍ଟୋଲ ଗ୍ରାମର ଦାଶରଥି ଦିଗାଲଙ୍କ ସହ ବାଇକ ଯୋଗେ ଗତ ଗୁରୁବାର ଦିନ ସକାଳେ ଗୋଛାପଡ଼ା ଯାଉଥିବା ସମୟରେ ବାଲନ୍ଦାପଡ଼ା ଜଙ୍ଗଲ ନିକଟରେ ଗୋଛାପଡ଼ା ପୁଲିସ ପକ୍ଷରୁ ଚେକିଙ୍ଗ କରାଯାଉଥିଲା। ପୁଲିସ ଉଭୟଙ୍କୁ ଅଟକାଇ ଥିବା ବେଳେ ଦାଶରଥି କୌଶଳ ବଶତଃ ଖସି ଯିବାରୁ ସକ୍ଷମ ହୋଇଥିବା ବେଳେ ଜ୍ୟେଷ୍ଠଙ୍କୁ ପୁଲିସ ମାଡ଼ ମାରିବା ସହ ଗାଡ଼ି ମଡ଼ାଇ ମାରି ଦେଇଥିବା ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଡାଙ୍ଗଣାମୁ ଘାଟିରେ କଣ୍ଟମାଳ ଥାନା ଲମ୍ବସରି ପଞ୍ଚାୟତ ବେହେରାପଡ଼ା ଗ୍ରାମର ଜ୍ୟେଷ୍ଠ ବଣ୍ଡକି (୪୪) ଙ୍କ ମୃତଦେହ ମିଳିବା ପରେ ପୁଲିସ ତାଙ୍କୁ ହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ପୁଲିସ ଗାଡ଼ି ଯୋଗୁଁ ଜ୍ୟେଷ୍ଠର ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ଗୋଛାପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ମୃତକଙ୍କ ପରିବାର ଲୋକଙ୍କ ନିକଟରୁ ଅଭିଯୋଗ ପାଇବା ପରେ ପୁଲିସ ଏ ସମ୍ପର୍କରେ ମାମଲା ରୁଜୁ କରିବା ସହ ପୁଲିସ ଉଚ୍ଚପଦସ୍ଥ ଅଧିକାରୀ ମାମଲାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ପରେ ଏହି ଘଟଣାରେ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଗୋଛାପଡ଼ା ଥାନାର ପାଞ୍ଚ ଜଣ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।ସେମାନେ ହେଲେ ଗୋଛାପଡ଼ା ଥାନାର ଏଏସ୍‌ଆଇ ଅଜିତ ବେହେରା, ହାବିଲଦାର ରାମଚନ୍ଦ୍ର ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ୩ ଜଣ ହୋମ ଗାର୍ଡ ଅଭିରାମ ମହାନନ୍ଦ, ଜଗବନ୍ଧୁ କହର ଓ ରତ୍ନାକର ନାୟକଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା। ଉକ୍ତ ଘଟଣାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବା ବେଳେ ପର୍ଯ୍ୟାପ୍ତ ସାକ୍ଷୀ ଓ ପ୍ରମାଣ ଥାଇ ମଧ୍ୟ ଘଟଣାକୁ ୪୬ ଦିନ ବିତି ଯାଇଥିଲେ ସୁଦ୍ଧା ଜେଷ୍ଠ ବଣ୍ଡକିର ପରିବାରକୁ ନ୍ୟାୟ ମିଳିପାରିଲା ନାହିଁ। ଯାହା ଆମ ଦଳିତ ସମାଜ ଓ ପରିବାର ଲୋକ ମିଶି ଦେଇଥିବା ଦାବିପତ୍ର ଅନୁସାରେ ଦୋଷୀଙ୍କୁ ଆଜି ପର୍ଯ୍ୟନ୍ତ ଗିରଫ ହେଲା ନାହିଁ କି ପରିବାର ଲୋକଙ୍କୁ ସରକାରୀ ସହାୟତା ମିଳି ନାହିଁ। ସୂଚନା ଥାଉକି ଗତ ସେପ୍ଟେମ୍ବର ୨୯ ରିଖ ଦିନ ଦେଇଥିବା ଦାବି ଗୁଡ଼ିକ ହେଲା ହତ୍ୟାକାରୀଙ୍କୁ ଗିରଫ କରିବା, ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା, ଯୋଗ୍ୟତା ଅନୁଯାୟୀ ମୃତକଙ୍କ ପତ୍ନୀଙ୍କୁ ସରକାରୀ ଚାକିରି, ମୃତକର ଦୁଇ ଝିଅଙ୍କୁ ସରକାରୀ ସହାୟତାରେ ପାଠପଢ଼ା ଆଦି ଦାବି ରଖିଥିବା ବେଳେ ଯଦି ଆଗାମୀ ୭ ଦିନ ମଧ୍ୟରେ ଦାବି ପୂରଣ ନହେଲେ ଓଡ଼ିଶାର ସମସ୍ତ ଦଳିତ ଲୋକ ମିଶି ରାଜରାସ୍ତାକୁ ଓହ୍ଲାଇବା ସହ ବୌଦ୍ଧ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଆମରଣ ଅନସନରେ ଅନିର୍ଦ୍ଦିଷ୍ଟ କାଳ ବସିବେ। ଏଥି ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

## ପାତାଳୀ ଶ୍ରୀକ୍ଷେତ୍ରରେ ଭବ୍ୟ ମନ୍ଦିର ନିର୍ମାଣ ଦାବି



**ସୋନପୁର, ୧୨।୧୧(ସମିସ):** ଶ୍ରୀଜାଗଙ୍କ ଅନନ୍ୟ ଲୀଳା କ୍ଷେତ୍ର ହେଉଛି ସୁବର୍ଣ୍ଣପୁର ଜିଲ୍ଲା କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିର ଉପରେ ରତ୍ନବାହୁର ଆକ୍ରମଣ ସମୟରେ ଶତାଧିକ ବର୍ଷ କାଳ ତିନି ଠାକୁରଙ୍କୁ ଏଠାରେ ପାତାଳୀ କରି ଲୁଚାଇ ରଖାଯାଇଥିଲା। ଏଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହେଉ ବୋଲି ଦାବି କରିଛନ୍ତି। ଏନେଇ ସୁବର୍ଣ୍ଣପୁର କାଳିଆ ତୁଳସୀ ଯାତ୍ରା କମିଟିର ସଦସ୍ୟମାନେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ପାତାଳି ଶ୍ରୀକ୍ଷେତ୍ରରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଦାବି କରିଛନ୍ତି। ସରକାରୀ ବିଧି ବ୍ୟବସ୍ଥା ଭିତରେ ନିଶ୍ଚୟ ପଦକ୍ଷେପ ନିଆଯିବ ବୋଲି ଆଇନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ପାତାଳୀ ମହୋତ୍ସବ ନେଇ ମଧ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ଗଦାଧର ବାରିକ, ଚନ୍ଦ୍ରଶେଖର ଓତା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଦିଲ୍ଲୀପ ତ୍ରିପାଠୀ, ପଦ୍ମଲୋଚନ ମିଶ୍ର ଓ ପ୍ଲାବନ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# 'ଇସ୍କନକୁ ଭାରତ ସରକାର ନିଷିଦ୍ଧ କରନ୍ତୁ'





**ବୌଦ୍ଧ, ୧୨।୧୧ (ସମିସ):** ମଙ୍ଗଳବାର ବୌଦ୍ଧ ସହର ବୁଟୁପାଲି ସ୍ଥିତ ଶ୍ରୀ ରାଧାମାଧବ ସେବା ଟ୍ରଷ୍ଟଠାରେ ପୁରୀ ଗୋବର୍ଦ୍ଧନ ପୀଠର ଆଦିତ୍ୟ ବାହିନୀ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଇସ୍କନକୁ ଭାରତ ସରକାର ନିଷିଦ୍ଧ କରନ୍ତୁ ବୋଲି ଆହ୍ୱାନ ଦିଆଯାଇଛି । ଇସ୍କନ ଦ୍ୱାରା ଆୟୋଜିତ ଅଦିନିଆ ରଥଯାତ୍ରାକୁ ବିରୋଧ କରି ଆଦିତ୍ୟ ବାହିନୀ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଶ୍ରୀ ରାଧାମାଧବ ସେବା ଟ୍ରଷ୍ଟର ମୁଖ୍ୟ ଆଦିତ୍ୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ମୁଖ୍ୟ ପଣ୍ଡିତ ମାତୃପ୍ରସାଦ ମିଶ୍ର, କାର୍ଯ୍ୟକର୍ତ୍ତା ମଳୟ ରଞ୍ଜନ ତ୍ରିପାଠୀ, ସମ୍ପାଦକ ସୋରିରଞ୍ଜନ ପଣ୍ଡା, କ୍ଷେତ୍ରୀୟ ସମ୍ପାଦକ ବରୁଣ ସାହୁ, ଉପଦେଷ୍ଟା ଦେବାଶିଷ ପୁରୋହିତ ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଆମେରିକାରେ ଚଳିତ ମାସ ୩ ତାରିଖରେ ଦେବସ୍ନାନ ଏବଂ ୯ ତାରିଖରେ ରଥଯାତ୍ରା କରିବାକୁ ଉଦ୍ୟମ କରାଯାଇ କେତେକ କୁଚକ୍ରୀ ଜଗନ୍ନାଥ ସଂସ୍କୃତିର ଶଙ୍କରୀକରଣ କରିବାକୁ ଚକ୍ରାନ୍ତ କରିବା ସହ ସନାତନ ସଂସ୍କୃତି ଉପରେ କୁଠାରଘାତ କରୁଛନ୍ତି ବୋଲି ଆଦିତ୍ୟ ବାହିନୀ ମୁଖ୍ୟ ପଣ୍ଡିତ ମିଶ୍ର ପ୍ରକାଶ କରିଥିଲେ । ଏହି ଅଦିନିଆ ରଥଯାତ୍ରା ବେଦ ସମ୍ମତ ନୁହେଁ ଏବଂ ଏଭଳି ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରକୁ ପ୍ରତିହତ କରିବା ପାଇଁ ଆଦିତ୍ୟ ବାହିନୀ ପ୍ରୟାସ କରୁଛି ଏବଂ ଚକ୍ରାନ୍ତକାରୀଙ୍କ ଅହଙ୍କାର, ଔଦ୍ଧତ୍ୟ, କପଟ ଆଚରଣର ଉଚିତ ଜବାବ ଦିଆଯିବ ବୋଲି ଆଦିତ୍ୟ ବାହିନୀ ମୁଖ୍ୟ ପଣ୍ଡିତ ମିଶ୍ର ପ୍ରକାଶ କରିଥିଲେ। ସେହିପରି ଗୋମାତାକୁ ରାଷ୍ଟ୍ରୀୟ ମାତା ଏବଂ ଭାରତକୁ ଗୋହତ୍ୟା ମୁକ୍ତ ରାଷ୍ଟ୍ର ମାନ୍ୟତା ପ୍ରଦାନ କରାଯିବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଏହାଛଡ଼ା ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ପାଇଁ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଦେଇଥିବା ଆହ୍ୱାନ ସମ୍ବନ୍ଧରେ ମଧ୍ୟ ଶ୍ରୀ ମିଶ୍ର ସୂଚନା ଦେଇଥିଲେ।

### ● ବଞ୍ଚି ଥାଉଥାଉ ମାରିଦେଲେ

## ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ଯୁବକ

**ହରଭଙ୍ଗା, ୧୨।୧୧(ସମିସ):** ବଞ୍ଚି ଥାଉ ଥାଉ ମୃତ ଘୋଷଣା ହେଉଛି । ମିଳୁନି କୌଣସି ସରକାରୀ ସହାୟତା । ଜିଲ୍ଲାପାଳଙ୍କ ଠାରେ ଏଭଳି ଅଭିଯୋଗ ଆଣିଛନ୍ତି ଆରଣ୍ୟ ସାମଲ ।ଅଭିଯୋଗ ମତେ ବୌଦ୍ଧ ଜିଲ୍ଲା ତିଳେଶ୍ୱର ପଞ୍ଚାୟତ ତିଳେଶ୍ୱର ଗ୍ରାମର ଅରଣ୍ୟ ସାମଲ ପୂର୍ବରୁ ସରକାରଙ୍କ କାଳିଆ, ବଳିଆଠୁ ଆରମ୍ଭ କରି କୃଷକଙ୍କ ବିଭିନ୍ନ ସରକାରୀ ସହାୟତା ପାଉଥିଲେ । କିନ୍ତୁ ୨୦୨୧ ଠୁ ଆଉ କୌଣସି ସହାୟତା ମିଳିଲାନି । ଏପରିକି ତାଙ୍କର ମୃତ୍ୟୁ ହୋଇଯାଇଥିବା ସରକାରୀ କାଗଜ ପତ୍ରରେ ପ୍ରମାଣିତ ହୋଇଛି । ଏଭଳି ସମସ୍ୟାକୁ ନେଇ ପୂର୍ବରୁ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନର କର୍ଣ୍ଣପାତ ନାହିଁ । ତେବେ ପୁନର୍ବାର ଆଉ ଥରେ ପ୍ରଶାସନ ନିକଟରେ ଭରସା କରି ଆଜି ହରଭଙ୍ଗା ବ୍ଲକ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିବା ସହ କେଉଁ ଅଧିକାରୀ ମତେ ମୃତ୍ୟୁ ବୋଲି ଦର୍ଶାଇଛନ୍ତି, ଯାହା ଫଳରେ ମୁଁ କୌଣସି ସରକାରୀ ସହାୟତା ପାଉନାହିଁ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମ୍ପୃକ୍ତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି । ଯଦି ଏହାର ସମାଧାନ କରା ନଯାଏ, ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବି ବୋଲି ଆରଣ୍ୟ ସାମଲ ଚେତାବନୀ ଦେଇଛନ୍ତି ।



### ● ବଜରଙ୍ଗ ଦଳ ତରଫରୁ ରକ୍ତଦାନ ଶିବିର

## ୩୬ ୟୁନିଟ୍ ରକ୍ତ ସଂଗୃହୀତ

**ତରଭା, ୧୨।୧୧(ସମିସ):** ବଜରଙ୍ଗ ଦଳ ତରଭା ପ୍ରଖଣ୍ଡ ଆନୁକୂଲ୍ୟରେ ରକ୍ତଦାନ ଶିବିର ମଙ୍ଗଳବାର ସ୍ଥାନୀୟ ନବଜ୍ୟୋତି କ୍ଲବରେ ଆୟୋଜିତ ହୋଇଯାଇଛି। ସଂଯୋଜକ ବିଜ୍ଞାନ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାଏକ, ପ୍ରାନ୍ତ ସହ ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର, ବିଭାଗ ସଂଯୋଜକ ଜିତୁ ବ?ମାଲି ଓ ସୋନପୁର ଜିଲ୍ଲା ସହ ସଂଯୋଜକ ସୁବ୍ରତ ବାରିକ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଜଣେ ମହିଳାଙ୍କ ସମେତ ୩୬ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସୋନପୁର ରକ୍ତ ଭଣ୍ଡାରର ଡା. ତନୁଶ୍ରୀ ମଜୁମଦାର, ଏଲଟି ସୁଦାମ ବିଶ୍ୱାଳ, ଜଗତ ନାରାୟଣ ଦରୁଆନ, ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ। ମାନସ ସାହୁ, ଶିରିସ ମହନ୍ତ, ବିଷ୍ଣୁ ବେଜ, କେଶବ ମଲ୍ଲିକ, ସଞ୍ଜୀବ ପଟ୍ଟନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଭାଇ ଭଉଣୀ ସଂକଟାପନ୍ନ; କିମ୍ସରେ ଭର୍ତ୍ତି

**ହରଭଙ୍ଗା, ୧୨।୧୧(ସମିସ):** ପୂର୍ତ୍ତ ବିଭାଗ ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଭାଇ ଭଉଣୀ ଗୁରୁତର ହୋଇଛନ୍ତି । ଘରୋଇ ବସକୁ ଓଭରଟେକ୍ କରିବା ସମୟରେ ଘଟିଥିଲା ଏହି ଦୁର୍ଘଟଣା । ବାଇକରୁ ୫୦ ମିଟର ଦୂରକୁ ଛିଟିକି ପଡଥିଲା ଭଉଣୀ । ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଛତ୍ରଙ୍ଗ ଗ୍ରାମର ରାଜେନ୍ଦ୍ର ପ୍ରଧାନ (୨୫) ଓ ଭଉଣୀ ରୋଜାଲିନ ପ୍ରଧାନ(୨୧) ହୋଣ୍ଡା ସାଇନ ବାଇକରେ ସକାଳ ସମୟରେ ଚାରିଛକ ଯାଉଥିବା ବେଳେ ଚାରିଛକ -ଶୀତଳପାଣି ପୂର୍ତ୍ତ ରାସ୍ତା ଖରଭୂଇଁ କଙ୍କଡ଼ା ପଥର ବୁଲାଣି ସ୍ଥାନରେ ଶୁଭଶ୍ରୀ ନାମକ ଏକ ଘରୋଇ ବସକୁ ଓଭରଟେକ କରି ଆଗକୁ ଯାଉଥିଲେ । ଫଳରେ ରାସ୍ତା ବୁଲାଣି ଥିବାରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ବାଇକ ଦୁର୍ଘଟଣା ଘଟିଥିଲା । ରାଜେନ୍ଦ୍ରଙ୍କ ମୁଣ୍ଡ, ମୁହଁ ମାଡ଼ ସହିତ ହାତର ଆଙ୍ଗୁଠି ଛିଣ୍ଡି ଯାଇଥିବା ବେଳେ ସଂଜ୍ଞାହୀନ ଅବସ୍ଥା ଓ ରୋଜାଲିନଙ୍କ ଗୋଡ଼ ଭାଙ୍ଗିବା ସହିତ ମୁଣ୍ଡ ପଛପାଖ ଜୋରରେ ଆଘାତ ହୋଇଥିବାରୁ ବ୍ରେନ ହାମରେଜ ହୋଇଥିବା ଜଣାପଡିଛି । ଉଭୟ ଭାଇ ଭଉଣୀଙ୍କୁ ପ୍ରଥମେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ସଂକଟାପନ୍ନ ଥିବାରୁ ଦୁଇ ଜଣଙ୍କୁ କିମ୍ସ ମେଡିକାଲ ଭୁବନେଶ୍ୱରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ରାଜେନ୍ଦ୍ର ଚାରିଛକ ମେଡିକାଲ ଔଷଧ ବିତରଣରେ କାର୍ଯ୍ୟ କରୁଥିବା ବେଳେ ରୋଜାଲିନ କିମ୍ସ ମେଡିକାଲ ନର୍ସ ଭାବେ କାର୍ଯ୍ୟ କରୁଛନ୍ତି ।

## ବିଶ୍ୱ ନିମୋନିଆ ଦିବସ ପାଳିତ

**ଲଛିପୁର, ୧୨।୧୧(ସମିସ):** ସୋନପୁର ବ୍ଲକ ଲଛିପୁର ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରରେ ବିଶ୍ୱ ନିମୋନିଆ ଦିବସ ଆରୋଗ୍ୟ କେନ୍ଦ୍ରର ଭାରପ୍ରାପ୍ତ ଫାର୍ମାସୀ ଅଫିସର୍ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ସଭାରେ ଲଛିପୁର ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରର ଭାରପ୍ରାପ୍ତ ମେଡିକାଲ ଅଫିସର୍ ଡା. ଦେବବ୍ରତ ନାଏକ ମୁଖ୍ୟଅତିଥି ରୂପେ ଯୋଗଦେଇ ଫୁସଫୁସରେ ହେଉଥିବା ସଂକ୍ରମଣ ନିମୋନିଆ ସମ୍ବନ୍ଧରେ ଆଲୋଚନା କରିଥିଲେ । ପିସିଭି ଟୀକା ଶିଶୁକୁ ନିମୋକୋକସ ଜୀବାଣୁ ଜନିତ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ସୁରକ୍ଷା ଦେଇଥାଏ । ତେଣୁ ପିସିଭି ଟିକାକରଣ କରାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି ଟୀକା ସବୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ମୂଲ୍ୟରେ ଉପଲବ୍ଧ ବୋଲି କହିଥିଲେ । ସଭାରେ ସ୍ୱାସ୍ଥ୍ୟକେନ୍ଦ୍ରର ଆଟେଣ୍ଡାଣ୍ଟ ସାର୍ଥକ ରଞ୍ଜନ ବହିଦାର, ଅଞ୍ଚଳ ମଟାରି, ଭାଗରଥି ଭୋଇ, ଅନିତା ଭୋଇ ଓ ମୀନା ବାଘ ପ୍ରମୁଖ ସହଯୋଗ କରିଥିଲେ ।

## ଗ୍ରାମୀଣ ବଜାରର ଭିତ୍ତିପ୍ରସ୍ତର ସ୍ଥାପନ



**ମନମୁଣ୍ଡା,୧୨।୧୧(ସମିସ):** ବୌଦ୍ଧ ବ୍ଲକ ଶଗଡ଼ା ପଞ୍ଚାୟତ ସଦର ମହକୁମାରେ ନାବାର୍ଡ ସହାୟତାରେ ଗ୍ରାମୀଣ ବଜାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବୌଦ୍ଧ ନାବାର୍ଡ ଡିଡିଏମ ସତ୍ୟନାରାୟଣ ସ୍ୱରୂପ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ଓ ଶଗଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ଼ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବଜାରରେ ଉଭୟ ବିକ୍ରେତା ଏବଂ କ୍ରେତାମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ନାବାର୍ଡ ଅଧିକାରୀ କହିଥିଲେ। ଏମଇଏସଏସପି ସଂସ୍ଥାର ପ୍ରତିନିଧି ପବିତ୍ର ମୋହନ ତ୍ରିପାଠୀ ପ୍ରାରମ୍ଭିକ ଅଭିଭାଷଣ ଦେବା ସହ ଚାଷୀମାନଙ୍କ ଉନ୍ନତି କାମନା କରିଥିଲେ। ସମାଜସେବୀ ସୁବ୍ରତ କର୍ମୀ, ଦୀନବନ୍ଧୁ ଦେହୁରୀ, ସତ୍ୟନାରାୟଣ ମାଝି, ସନାତନ ପ୍ରଧାନ, ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗଛକୁ ପିଟିଲା କାର୍; ଦୁଇ ଗୁରୁତର

**ବୌଦ୍ଧ, ୧୨।୧୧(ସମିସ):** ସୋମବାର ବିଳମ୍ବିତ ରାତିରେ ଜାତୀୟ ରାଜପଥ ନଂ ୫୭ର ପୁରୁଣାକଟକ ଥାନା କରଡାକୋଠା ନିକଟରେ ଏକ କାର୍ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସୋନପୁର ଜିଲ୍ଲା ସୁବଳୟା ଆମ୍ବସରଭଟା ଗ୍ରାମର ସମ୍ବାରୀ ଡାଙ୍ଗଙ୍କୁ ଭୁବନେଶ୍ୱରକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇ ଫେରୁଥିବା ସମୟରେ କରଡାକୋଠା ନିକଟରେ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱର ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ସମ୍ବାରୀ ଡାଙ୍ଗ ଓ ରାକେଶ ମେହେରଙ୍କ ଗୁରୁତର ହୋଇଥିବା ବେଳେ ଅଜିତ ସାହୁ ସାମାନ୍ୟ ଆହତ ହୋଇଥିଲେ। ଉଭୟ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ଓ ପରେ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ପୁରୁଣା କଟକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କାର୍ଯ୍ୟାନୁଷ୍ଠାନ ନ ନେଲେ ଡୁମାଳ ସମାଜର ଆନ୍ଦୋଳନ

**ସୋନପୁର, ୧୨।୧୧(ସମିସ):** ନିର୍ଯାତନାର ଶିକାର ହୋଇଥିବା ଡୁମାଳ ଜାତିର ମହିଳାଙ୍କୁ ନ୍ୟାୟ ନମିଳିଲେ ଆନ୍ଦୋଳନ ପାଇଁ ଜିଲ୍ଲା ଡୁମାଳ ପରିଷଦ ପକ୍ଷରୁ କୁହାଯାଇଛି। ସୋନପୁରର ଏକ ହୋଟେଲର କନଫରେନ୍ସ ହଲ୍‌ରେ ଜିଲ୍ଲା ଡୁମାଳ ପରିଷଦ ପକ୍ଷରୁ ସମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ସୁରେଶ ପାତ୍ର ଡୁମାଳ ଓ ଜିଲ୍ଲା ସମ୍ପାଦକ କିଶୋର କର୍ମୀ ଯୋଗଦେଇ ନିଜ ମତ ରଖିଥିଲେ। ସୂଚନାନୁଯାୟୀ, ଜିଲ୍ଲାର ଡୁମାଳ ଜାତିର ୪୦୦ ଜଣ ଝିଅ ସ୍ୱାମୀ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇ ବାପ ଘରେ ରହୁଛନ୍ତି। ୮୦ଟି ସ୍ୱାମୀ ସ୍ତ୍ରୀଙ୍କ ଆପୋଷ ବୁଝାମଣା ମଧ୍ୟରେ ସମାଧାନ କରାଯାଇଛି। ୩୦ଟି ଘଟଣାର କୋର୍ଟରେ ବିଚାର ଚାଲିଛି । ତେବେ ୩ଟି ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୁଲିସ୍ ପ୍ରଶାସନକୁ ଜଣାଯାଇଛି । ଏହା ନହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ସମ୍ମିଳନୀରେ ଜିଲ୍ଲା ଉପ ସଭାପତି ଲକ୍ଷ୍ମଣ ବସ୍ତିଆ, ଜିଲ୍ଲା କମିଟି ଆଇନ୍ ସେଲ୍‌ଫ ସଦସ୍ୟ କୃଷ୍ଣଚନ୍ଦ୍ର କମ୍ପ, ଟାଉନ ସଭାପତି ଲକ୍ଷ୍ମଣ ଦେହୁରୀ, ଜୟନାରାୟଣ ମେଣ୍ଡିଲି, କଳାପଥର ଅସ୍ଥାୟୀ ସଭାପତି ରବି ବଘାର ପ୍ରମୁଖ ଯୋଗଦେଇଥିଲେ ।

## ସିଦ୍ଧାର୍ଥ ସ୍ନାତକ କଲେଜରେ କାଳିଦାସ ଜୟନ୍ତୀ

**ବିନିକା, ୧୨।୧୧(ସମିସ):** ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ କାଳିଦାସ ଜୟନ୍ତୀ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡ. ଧିରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତା କରି କାଳିଦାସଙ୍କ ସାହିତ୍ୟ କାଳଜୟୀ ଅଟେ ଏବଂ ତାଙ୍କ ଲିଖିତ କାବ୍ୟ ଓ ନାଟକ ବିଶ୍ୱବିଖ୍ୟାତ ବୋଲି କହିଥିଲେ । ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ବେଦପାଠ ଓ ସଭା ସଞ୍ଚାଳନ କରିଥିବା ବେଳେ ସଂସ୍କୃତ ଅଧ୍ୟାପକ ସାଧୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀମାନେ କାଳିଦାସଙ୍କ ଦ୍ୱାରା ରଚିତ ମେଘଦୂତର ଶ୍ଳୋକ ଆବୃତ୍ତି କରଥିଲେ ।

# ବିଭିନ୍ନ ଦେବୀପୀଠରେ କଳାସୀ ଯାତ୍ରା





**ସୁବଳୟା, ୧୨।୧୧(ସମିସ):**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଦେବୀପୀଠରେ କଳାସୀ ଯାତ୍ରା ବହୁ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ମାସରେ ଏକାଦଶୀ ତିଥି ତଥା ପଞ୍ଚୁକ ସମୟରେ ବୀରମହାରାଜପୁର ଅଞ୍ଚଳରେ କଳାସୀ ଯାତ୍ରା ବେଶ ପରିଚିତ। ଗ୍ରାମାଞ୍ଚଳରେ ମଙ୍ଗଳା କୁଠି, କଳାସୀ କୁଠି ଓ ରୁଢିଘରଗୁଡ଼ିକରେ ପୁରାତନ ପୂଜା ପଦ୍ଧତି ଓ ଲୋକ ସଂସ୍କୃତି ପରାମ୍ପରା ସ୍ପଷ୍ଟ ବାରି ହୋଇଥାଏ। ଏହିଦିନରେ ଦେବତା କୈଳାସ ଯାତ୍ରା କରୁଥିବାରୁ ଏହାର ନାମ କଳାସୀ ଯାତ୍ରା କରାଯାଉଥିବା ବିଶ୍ୱାସ ରହିଛି । ଯାତ୍ରାର କିଛି ଦିନ ଆଗରୁ କଳାସୀ କୁଠିକୁ ପରିଷ୍କାର ପରିଛନ୍ନ କରାଯାଇ ମଙ୍ଗଳାଙ୍କ ସମେତ ଠାକୁରାଣୀ, ହନୁମାନ, ଦୁର୍ଗା ଓ ସାତବହନୀ ପ୍ରମୁଖ ଦେବଦେବୀଙ୍କ ଚିତ୍ର ଅଙ୍କନ କରାଯାଇଥାଏ। ଦଶମୀ ତିଥିରେ ସନ୍ଧ୍ୟାରେ ନିକଟସ୍ଥ ଶୈବପୀଠରୁ ସମସ୍ତ ଦେବାଦେବୀଙ୍କୁ ଅଧିଆପଡ଼ି ଦେଉଳକୁ ବରମଣା କରାଯାଇଥାଏ। ତା ପରଦିନ ଅର୍ଥାତ ଏକାଦଶୀ ତିଥିରେ ଏହି ଯାତ୍ରା ଅନୁଷ୍ଠିତ ହୋଇଛି । ଯାତ୍ରାର ଆକର୍ଷଣ ହୋଇଥାଏ ଧୁନକେଲୀ ବାଦ୍ୟ । ଏଥିରେ ବରୁଆଙ୍କ ଦେହରେ କଳାସୀ ଲାଗିବା ସହ ଭକ୍ତଙ୍କ ଗୁହାରି ଶୁଣିଥିଲେ। କଳାସୀ ପୀଠରୁ ଆରାଧ୍ୟା ଦେବୀ ବାହାରି ଗ୍ରାମ ପରିକ୍ରମା କରି ଗାଁ ମୁଣ୍ଡରେ ଥିବା ପୀଠରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ପରେ କଳସୀ ବୁଡା କାର୍ଯ୍ୟକ୍ରମ ହୋଇଥିଲା । ଯାତ୍ରା ପରଦିନ ମାଆ ଘରେ ଘରେ ପୂଜା ପାଇଁ ନଗର ପରିକ୍ରମା କରିଥାନ୍ତି । ଲାତୁରପେଟ, ଚମ୍ପାମାଲ, ଝାକୁମୁଡା, ବାଗବର, ନୁଆଁଗଡ଼, ଜଟେସିଂହା, ତେନ୍ତୁଳିମହଦା, ମୁର୍ଷୁଣ୍ଡୀ, ସୁବଳୟା, ସୁନାରୀବେର୍ଣ୍ଣି ଓ କମିରା ପ୍ରଭୃତି ଗ୍ରାମରେ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ଏହି ଅବସରରେ ବିଭିନ୍ନ ଗ୍ରାମରେ ଦିନବେଳା ରାମାୟଣ ପାରାୟଣ ଓ ରାତିରେ ଦଣ୍ଡ ନାଚ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏଥିରେ ଅଞ୍ଚଳର ବହୁ ଜନସାଧାରଣ ସମାଗମ ହୋଇଥିବା ଦେଖିବାକୁ ମିଳିଛି ।

**ବୀରମହାରାଜପୁର:** ବ୍ଲକ ଅଧୀନ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଦନ୍ତାପାଲି ଗ୍ରାମରେ ଏକାଦଶୀ ତିଥିରେ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳୁ ସୂର୍ଯ୍ୟ ପୂଜା ପରେ ଷୋଡ଼ଶ ଉପଚାରରେ ପୂଜକଙ୍କ ଦ୍ୱାରା ପୂଜା ଅନୁଷ୍ଠିତ କରାଯାଇଛି । ପରେ ବରୁଆମାନଙ୍କୁ କଳାସୀ କୁଠିରେ ଉପସ୍ଥିତ କରାଇ ଢୋଲ ଓ ନିଶାନ୍ ବଜାଇ ଭରାଇବା ପରେ ସେମାନଙ୍କ ଦେହରେ କାଳିସି ପ୍ରବେଶ କରିଥିଲେ । ବାଦ୍ୟର ତାଳେ ତାଳେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ । ଘାସି ଦେହେରୀ, ସୁରେନ୍ଦ୍ର ସାହୁ, ବିଦେଶୀ ମହାକୁର, ପ୍ରମୋଦ ଖମାରୀ ପ୍ରମୁଖଙ୍କ ଶରୀରର କାଳିସି ପ୍ରବେଶ କରିବା ପରେ ବିଭିନ୍ନ ଢ଼ଙ୍ଗରେ କରିଥିବା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ପରେ ଲୁହାକଣ୍ଟାରେ ତିଆରି ଦୋଳିରେ ସେମାନେ ଝୁଲିଥିଲେ । ଏହା ଦେଖିବାକୁ ବହୁଲୋକଙ୍କ ସମାଗମ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ଦନ୍ତାପାଲି ଗ୍ରାମର ସୁଶିଳ ପଣ୍ଡା, ସୁକାନ୍ତ ପଣ୍ଡା, ଦାଶରଥି ପଣ୍ଡା, ହୃଷିକେଶ ପଣ୍ଡା ଦ୍ୱିତୀକୃଷ୍ଣ ପଣ୍ଡା, ଅମ୍ବରୀଶ ପଣ୍ଡା ଓ ଗ୍ରାମବାସୀ ସହଯୋଗ କରିଥିଲେ ।

**ମନମୁଣ୍ଡା:** ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କଳା ସଂସ୍କୃତି ଗ୍ରାମ ଗୁଡ଼ଭେଲିପଦରରେ ଅନୁଷ୍ଠିତ କଳାସୀ ଯାତ୍ରାରେ ଅତିଥି ଭାବେ ବୟନିକା ରାଜ୍ୟ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ମେହେର ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ ଉପସ୍ଥିତ ହଜାର ହଜାର କଳା ପ୍ରେମୀଙ୍କୁ ଉଦବୋଧନ ଦେଇଥିଲେ। ଏହି ଗ୍ରାମର କଳାସୀ ଯାତ୍ରା ଅଞ୍ଚଳରେ ସୁଖ୍ୟାତି ଲାଭ କରିଛି । ଏହି ଗ୍ରାମରୁ ସ୍ୱର୍ଗତ ସାଧୁଚରଣ ମେହେର ସିନେମା ଜଗତକୁ ଯାଇ ପଦ୍ମଶ୍ରୀ ପାଇ ଗ୍ରାମ, ଜିଲ୍ଲା ତଥା ଓଡ଼ିଶାର ଗୌରବ ବୃଦ୍ଧି କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ରବିନାରାୟଣ ପଣ୍ଡା, ବିଜେପି ସଂଗଠକ ଶାନ୍ତନୁ ଥାଟି, ଶିବ ଚାଉଳିଆ, ସୁରୁବାବୁ ମେହେର, ଶେଷ ମେହେର, ଦିବ୍ୟ ରାଉତ ପ୍ରମୁଖ ସମ୍ମାନିତ ଭାବେ ଯୋଗ ଦେଇଥିଲେ । କଳା ସଂସ୍କୃତି ଗ୍ରାମ ଗୁଡ଼ଭେଲିପଦର ମଧ୍ୟକୁ କଳାସୀ ଯାତ୍ରା ଦେଖିବାକୁ ମନୁମୁଣ୍ଡା, ବିଳାସପୁର, ଡ଼ଙ୍ଗାଝୋଲ, ନୃପା, କାପାସିରା ଆଦି ଆଖପାଖ ତଥା ଦୂର ଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ ।

**ବିନିକା:** ବିନିକା ଅଞ୍ଚଳର ବିଭିନ୍ନ ସ୍ଥାନରେ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅବସରରେ ଛତର ଶୋଭାଯାତ୍ରା ସହ ବରୁଆମାନେ ପାରମ୍ପରିକ ବାଦ୍ୟର ତାଳେ ତାଳେ ନାଚିନାଚି ନିକଟସ୍ଥ ପୋଖରୀ, ନଦୀକୁ ସ୍ନାନ ପାଇଁ ଯାଇ ନିଜ କୁଠୀକୁ ଫେରିଥିଲେ । ଛତର ଦେବତାଙ୍କ ଦର୍ଶନ ଓ ଯାତ୍ରା ଦେଖିବା ପାଇଁ ନାହିଁ ନଥବା ଲୋକଙ୍କ ସମାଗମ ହୋଇଥିଲା । ବିନିକା ଅଞ୍ଚଳର ଚରଦା, ଡଭଲା, ସେଲେଡି, ବଲାରଙ୍ଗା, ତୁଲୁଣ୍ଡୁପାଲି, କୌଡ଼ିଆମୁଣ୍ଡା ପ୍ରମୁଖ ସ୍ଥାନରେ କଳସୀ ଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି ।

■ ରାଜ୍ୟସ୍ତରୀୟ ମା'ମାୟାବର୍ହା କଳାସୀ କପ କ୍ରିକେଟ୍

## ସେମିଫାଇନାଲରେ କେନ୍ଦ୍ରାପଡ଼ା

**ଲଛିପୁର,୧୨।୧୧(ସମିସ):** ସୋନପୁର ବ୍ଲକ ମୟୁରଉଡାନ ପଞ୍ଚାୟତ ରୁଗୁଡିପାଲି ଖେଳପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମା'ମାୟାବର୍ହା କଳାସୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ କ୍ୱାର୍ଟର ଫାଇନାଲରେ ସିଆରଏନ ତାଳଚେରକୁ ପରାସ୍ତ କରି ଡିସିସି ଶାନ୍ତପୁରମ କେନ୍ଦ୍ରାପଡ଼ା ସେମିରେ ପ୍ରବେଶ କରିଛି। ତାଳଚେର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭୨ ରନ କରିଥିଲା। ଜବାବରେ କେନ୍ଦ୍ରାପଡା ୬ ଓଭର ଖେଳି ୭୪ ରନ କରି ସହଜ ବିଜୟ ହାସଲ କରିଥିଲେ। ମଙ୍ଗଳବାର ଲାଲ ସ୍ପୋର୍ଟିଂ ସୋନପୁର ଓ ତାଳଚେର ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଟସ ଜିଣି ତାଳଚେର ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୯୨ ରନ କରିଥିଲେ। ଜବାବରେ ସୋନପୁର ୩୮ ରନ କରିଥିଲା। ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡା ଓ ରୁଗୁଡିପାଲି ମଧ୍ୟରେ ହୋଇଥିଲା। କେନ୍ଦ୍ରାପଡ଼ା ଦଳ ବ୍ୟାଟିଂ କରି ୯୪ ରନ କରିଥିଲେ। ରୁଗୁଡିପାଲି ଦଳ ସମାନ ସଂଖ୍ୟକ ଓଭରରେ ୨୭ ରନ କରି ପରାଜିତ ହୋଇଥିଲେ। ମ୍ୟାଚରେ ଆକବର ଅଲ୍ଲୀ, ଚତୁର୍ଭୁଜ ଦାଶ, ମୁବାରକ ଖାନ, ନାଗାର୍ଜୁନ ପାଣ୍ଡେ, ଡକ୍ଟର ବେହେରା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏମଏମବିସିଟି ସଭାପତି ପ୍ରକାଶ ମଲ୍ଲିକ, ରାନୁ ଖାନ ଓ ସଦସ୍ୟମାନେ ସହଯୋଗ କରିଥିଲେ।

## ମଡେଲ ଡିଗ୍ରୀ କଲେଜରେ ଏବିଭିପି ଶାଖା

**ସୋନପୁର,୧୨।୧୧(ସମିସ):** ସୋନପୁର ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସୋନପୁରସ୍ଥିତ ମଡେଲ ଡିଗ୍ରୀ ମହାବିଦ୍ୟାଳୟରେ ଏବିଭିପିର ନୂତନ ଶାଖା ଗଠନ କରାଯାଇଛି। ଶାଖା ସଭାପତି ଭାବରେ ସୌଭାଗ୍ୟ ନାଏକ, ସମ୍ପାଦକ ଭାବରେ ଚିନ୍ମୟ ତାଣ୍ଡି, ଉପ ସଭାପତି ଭାବରେ ହରିହର ବାଦୀ ଏବଂ ସହ ସମ୍ପାଦକ ଆକାଶ ରଣା, ଦୀପକ ତାଣ୍ଡି ଏବଂ ପ୍ରୀତମ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ନୂତନ ନିଯୁକ୍ତ କର୍ମକର୍ତ୍ତା ଅନୁଷ୍ଠାନର ଉନ୍ନତି ସହ ଶିକ୍ଷାର ବିକାଶ ଦିଗରେ କାମ କରିବେ ବୋଲି ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି।

ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ଅଗ୍ରଗତି

## ଖୁବ୍ ଶୀଘ୍ର ସୋନପୁର-ବୌଦ୍ଧ ମଧ୍ୟରେ ଗଡ଼ିବ ରେଳ

**ସୋନପୁର,୧୨।୧୧(ସମିସ)**




ଧୀରେ ସ୍ୱପ୍ନ ସାକାର ହେବାକୁ ଯାଉଛି। ଯେଉଁ ଅଞ୍ଚଳ ପାଇଁ ଦିନେ ରେଳ ଏକ ସ୍ୱପ୍ନ ଥିଲା। ସେହି ଅଞ୍ଚଳର ଲୋକେ ରେଳରେ ଚଢ଼ି ଦୂର ସ୍ଥାନକୁ ଯାତ୍ରା କରିବାର ଇଚ୍ଛା ପୂରଣ ହେବାକୁ ଯାଉଛି। ଉଲ୍ଲେଖନୀୟ ଭାବେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ଅଗ୍ରଗତି ହୋଇଛି। କିଛି ମାସ ମଧ୍ୟରେ ସୋନପୁର-ବୌଦ୍ଧ ମଧ୍ୟରେ ରେଳ ଚଳାଚଳ ଆରମ୍ଭ ହେବାକୁ ଯାଉଛି। ପ୍ରକଳ୍ପର ମୋଟ ଦୈର୍ଘ୍ୟର ୩୦୧ କିମି ମଧ୍ୟରୁ ୧୯୯ କିମି କାର୍ଯ୍ୟକ୍ଷମ ହୋଇଛି। ଉପାନ୍ତ ଅଞ୍ଚଳରେ ପରିବହନ ଏବଂ ଅର୍ଥନୈତିକ ବିକାଶ ପାଇଁ ଏହି ରେଳ ପ୍ରକଳ୍ପର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ରେଳ ମନ୍ତ୍ରଣାଳୟ ଦ୍ୱାରା ପ୍ରକଳ୍ପର ଅଗ୍ରଗତି ଉପରେ ତୀକ୍ଷ୍ଣ ନଜର ରଖାଯାଇ ସମୀକ୍ଷା କରାଯାଉଥିବା ବେଳେ ସଠିକ ସମୟରେ ନିର୍ମାଣ କାର୍ଯ୍ୟ ସୁନିଶ୍ଚିତ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି। ଇଞ୍ଜିନିୟରିଂ ଚ୍ୟାଲେଞ୍ଜ ସତ୍ତ୍ୱେ ଦୁର୍ଗମ ପାହାଡ଼, ଜଙ୍ଗଲ ଓ ଅଭୟାରଣ୍ୟ ଦେଇ ଟନେଲ୍ ନିର୍ମାଣ କ୍ଷେତ୍ରରେ ପ୍ରକଳ୍ପ ମାଇଲଖୁଣ୍ଟ ହାସଲ କରିଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନ କେବଳ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ରେଳ ମାର୍ଗ ନିର୍ମାଣରେ ସମ୍ମୁଖୀନ ହୋଇଥିବା କେତେକ ଜଟିଳ ଇଞ୍ଜିନିୟରିଂ ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ଭାରତୀୟ ରେଳବାଇର ଦକ୍ଷତାର ପ୍ରମାଣ ଅଟେ। ଏହି ରେଳ ଲାଇନର ଟନେଲଗୁଡ଼ିକର ସଫଳ ସମାପ୍ତି ଏକ ପ୍ରମୁଖ ସଫଳତା।

ରେଳ ସୁରକ୍ଷା ଆୟୁକ୍ତଙ୍କ ଦ୍ୱାରା ସଫଳ ଯାଞ୍ଚ ଏବଂ ତାଙ୍କର ଅନୁମତି ପରେ ନୂତନ ଝାରମୁଣ୍ଡା-ବୌଦ୍ଧ ରେଳ ସେକ୍ସନରେ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ମିଳିଛି। ଏହି ସେକ୍ସନରେ ଆନୁସଙ୍ଗିକ ଭିତ୍ତିଭୂମି ସହିତ ଯାତ୍ରୀ ସୁବିଧା ଉପଲବ୍ଧ ହେବା ପରେ ସୋନପୁର-ବୌଦ୍ଧ ମଧ୍ୟରେ ଟ୍ରେନ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ। ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ରେଳ ଲାଇନର ସର୍ବମୋଟ ୩୦୧ କିଲୋମିଟର ଦୈର୍ଘ୍ୟ ରେଳପଥ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୧୯୯ କିଲୋମିଟର ଦୈର୍ଘ୍ୟ ରେଳ ଲାଇନର କାର୍ଯ୍ୟ ସମାପ୍ତ ହୋଇଥିବା ଜଣାପଡ଼ିଛି।

## ଚାରି ଗ୍ରନ୍ଥ ଓ ଅଷ୍ଟାଦଶ ପୁରାଣ ପାଠ ପାଇଁ ବୈଠକ

**ବୀରମହାରାଜପୁର,୧୨।୧୧(ସମିସ):** ବୀରମହାରାଜପୁର ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚାରି ଗ୍ରନ୍ଥ ଓ ଅଷ୍ଟାଦଶ ପୁରାଣ ପାଠ ଅନୁଷ୍ଠିତ ହେବାନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ପଣ୍ଡାଙ୍କ ସଭାପତିତ୍ୱରେ କମିଟିର ସଂଯୋଜକ ଯୁଗଳ କିଶୋର ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହିତ ସ୍ୱାଗତ କରିଥିଲେ। କେନ୍ଦ୍ରିୟ କମିଟିର ସଦସ୍ୟ ଏଥିରେ ସହଯୋଗ କରିଥିଲେ। କେନ୍ଦ୍ରିୟ କମିଟି ସଦସ୍ୟ କ୍ଷେତ୍ର ପରିଦର୍ଶନ କରିଥିଲେ। ପୁରାଣ ପାଠ ସୁଚାରୁରୂପେ ସଂପାଦିତ ହେବାପାଇଁ ପ୍ରଶାସନକୁ ଜଣାଇଥିବାରୁ ଖୁସିବ୍ୟକ୍ତ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରମହାରାଜପୁର, ସ୍ୱାସ୍ଥ୍ୟ ଅଧିକାରୀ ଉପଖଣ୍ଡ ଡାକ୍ତରଖାନା, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ସୁବର୍ଣ୍ଣପୁର, ପୁଲିସ୍ ଅଧିକାରୀ ବୀରମହାରାଜପୁର, ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ଅଧକ୍ଷ ବୀରମହାରାଜପୁର ମହାବିଦ୍ୟାଳୟଙ୍କୁ ଅବଗତ କରାଯାଇଛି। ଗୋପୀନାଥ ଚାନ୍ଦ, ବଳରାମ ପୁରୋହିତ, ଦେବେନ୍ଦ୍ର ଦାଶ, ବିପିନ ନନ୍ଦ, ରାମପ୍ରସାଦ ପଣ୍ଡା, ଦ୍ୱିତୀକୃଷ୍ଣ ପଣ୍ଡା, ଭୂଷଣ କୁମାର ପାତ୍ର, ଭଗବାନ ମିଶ୍ର ଓ ଅନ୍ୟ ସଦସ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରମାକାନ୍ତ ପୁରୋହିତ ଧନ୍ୟବାଦ ଦେଇଥିଲେ।

## ପ୍ରଶାସନିକ ଟିମ୍‌ର ଜିଲ୍ଲା ପରିଦର୍ଶନ

ନୂଆପଡ଼ା,୧୨।୧୧(ସମିସ): ନୂଆପଡ଼ା ରାଜ୍ୟର ଏକ ସୀମାନ୍ତ ଜିଲ୍ଲା। ଏଠାରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ କିପରି କାର୍ଯ୍ୟାନ୍ୱୟନ ହେଉଛି ତାକୁ ପରିଦର୍ଶନ କରିବାକୁ ଏକ ୧୨ ଜଣିଆ ପ୍ରଶାସନିକ ସେବାରେ ତାଲିମ୍ ନେଉଥିବା ପ୍ରତିନିଧି ଦଳ ଜିଲ୍ଲା ଗସ୍ତ କରିଛନ୍ତି। ନୂଆପଡ଼ା ସଦର ବ୍ଲକର ଧରମବନ୍ଧା ଏବଂ କୋମନା ବ୍ଲକର ସମରସିଂ ପଞ୍ଚାୟତ ବୁଲି ଦେଖିବାସହ ପଞ୍ଚାୟତ ପ୍ରତିନିଧି ଏବଂ ହିତାଧିକାରୀଙ୍କୁ ସାକ୍ଷାତ କରି ସେମାନଙ୍କ ସହ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରବାସୀ ଶ୍ରମିକଙ୍କୁ କର୍ମ ଯୋଗାଣ, ତରବୋର୍ଡ ଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଆନୁସଙ୍ଗିକ ବ୍ୟବସ୍ଥା ଏବଂ ଚିକିତ୍ସା ସୁବିଧା ନେଇ ଆଲୋଚନା କରିଥିଲେ। ଏହି ଗସ୍ତରେ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରଭୁଦତ୍ତ ବାବୁ ଓ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଟିମ ସହ ଆଲୋଚନା କରିଥିଲେ।

## ରାଷ୍ଟ୍ରୀୟ ଶିକ୍ଷା ଦିବସରେ ପରିବେଶ ସଚେତନତା ବାର୍ତ୍ତା

**ସୋନପୁର,୧୨।୧୧(ସମିସ):** ସଦର ବ୍ଲକ ଅଧୀନ ପ୍ରତାପପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦଙ୍କ ସଭାପତିତ୍ୱରେ ତଥା ବରିଷ୍ଠ ସହକାରୀ ଶିକ୍ଷକ ଗୋପେଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ପରିବେଶପ୍ରେମୀ ଶ୍ୟାମାଓଁ ପ୍ରସାଦ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ



ସୁସ୍ଥ ପରିବେଶ ଓ ସୁସ୍ଥ ସମାଜ ଗଠନ ପାଇଁ ସେମାନଙ୍କ ଭୂମିକା କ'ଣ ରହିବା ଉଚିତ ତାହା ଅବଗତ କରାଇଥିଲେ। ସୋନପୁରର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର ଖେତି ଏଥିରେ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ନାଟ୍ୟ ନିର୍ଦ୍ଦେଶକ ମନୋଜ ବାରିକ ଏବଂ ସମାଜସେବୀ ଦେବକୀ ନନ୍ଦନ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ମହେନ୍ଦ୍ରୀ ପଣ୍ଡା ସହଯୋଗ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଅନ୍ନ ଅଭିଯାନରେ ସିପିଏସ୍‌ଡବ୍ଲ୍ୟୁ ସମ୍ମାନିତ

**ନୂଆପଡ଼ା/କୋମନା,୧୨।୧୧(ସମିସ):** ଭୁବନେଶ୍ୱର ଲୋକ ସେବା ଭବନରେ ଆୟୋଜିତ ହୋଇଯାଇଥିବା ଶ୍ରୀ ଅନ୍ନ ଓ ବିସ୍ତୃତ ଖାଦ୍ୟ ସମ୍ମିଳନୀରେ ନୂଆପଡ଼ା ଜିଲ୍ଲାରେ ମିଲେଟ ମିଶନ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସିପିଏସଡବ୍ଲ୍ୟୁ ସଂଗଠନର କାର୍ଯ୍ୟକାରୀ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ସମ୍ମାନିତ ହୋଇଛନ୍ତି। ୨୦୧୭ରୁ ଶ୍ରୀ ଅନ୍ନ ଅଭିଯାନ (ମିଲେଟ ମିଶନ) କାର୍ଯ୍ୟକ୍ରମ ଚାଲିଛି। କାର୍ଯ୍ୟକ୍ରମକୁ ଓଡ଼ିଶାର ବିଭିନ୍ନ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଏଫପିଓ କାର୍ଯ୍ୟକାରୀ କରୁଛନ୍ତି। କାର୍ଯ୍ୟକ୍ରମକୁ ନୂଆପଡ଼ା ଜିଲ୍ଲାର କୋମନା ବ୍ଲକର ସ୍ୱେଚ୍ଛାସେବୀ ସଂଗଠନ ସିପିଏସଡବ୍ଲ୍ୟୁ, କେନ୍ଦୁଭଟା କୋମନା ବ୍ଲକରେ ୨୦୧୭ ଏବଂ ନୂଆପଡ଼ା ବ୍ଲକରେ ୨୦୨୨ରୁ କାର୍ଯ୍ୟକାରୀ କରୁଅଛି। କୋମନା ବ୍ଲକର ଉପାନ୍ତ ଅଞ୍ଚଳ ସୁନାବେଡ଼ା ତଥା ବ୍ଲକର ୩୨ଟି ପଞ୍ଚାୟତରେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପହଞ୍ଚାଇ ପାରିଥିବା ତଥା ସମସ୍ତ ଚାଷୀଙ୍କ ଉପଯୁକ୍ତ ପ୍ରଣାଳୀରେ ଚାଷ କରାଇ ଲଭାନ୍ୱିତ କରାଇଥିବାରୁ ରାଜ୍ୟର ଶ୍ରେଷ୍ଠ କାର୍ଯ୍ୟକାରୀ ସଂଗଠନ ଭାବରେ ବିବେଚିତ ହୋଇଛନ୍ତି। ଉପ ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମାନିତ କରିଥିଲେ। ଏଥିରେ କୃଷି ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

## ସନ୍ଥକବି ଭୀମଭୋଇଙ୍କ ସିଦ୍ଧି ଦିବସ



**ଲଛିପୁର,୧୨।୧୧(ସମିସ):** ସନ୍ଥକବି ଭୀମଭୋଇଙ୍କ ସିଦ୍ଧି ଦିବସ ସୋନପୁର ବ୍ଲକ ଖଲିଆପାଲିରେ ପାଳିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ଛତ୍ରଧାରୀ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଠର ମହନ୍ତ ସନ୍ୟାସୀ ଦାସ ବାବା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

ଟ୍ରଷ୍ଟ ସମ୍ପାଦକ ଜନ୍ମେଜୟ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଏଥିରେ ମହାଦେବ ବଗର୍ତ୍ତୀ, କାର୍ତ୍ତିକ ଭୋଇ, ଋଷିକେଶ ଭୋଇ, ସଞ୍ଜୀବ ପଣ୍ଡା, ବ୍ରଜବନ୍ଧୁ ସ୍ୱାଇଁ, ଏନ୍‌ଟି ଷାଣ୍ଢଙ୍କ ସମେତ ମଠର ବାବାମାନେ ଉପସ୍ଥିତ ଥିଲେ।

## କୁଲିଆବନ୍ଧା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ମେଳା



**ନୂଆପଡ଼ା,୧୨।୧୧(ସମିସ):** ସ୍ଥାନୀୟ କୁଲିଆବନ୍ଧା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ବିଜ୍ଞାନ ମେଳାରେ ପ୍ରଧାନଶିକ୍ଷକ ପୁଷ୍କର ମାଝୀ ସଭାପିତତ୍ୱ କରିଥିବାବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ମୁଖ୍ୟଅତିଥି, ବିଆରସିସି ଉତ୍କଳମଣୀ ଅଗସ୍ତୀ, ଭୋଲାନାଥ ଚନ୍ଦ୍ରକାର, ରାମନାଥ ଧରୁଆ, ବିଦ୍ୟାଧର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ହିମାଞ୍ଜଳୀ ଯାଦବ ବିଜ୍ଞାନମେଳାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ବିଷଦ ଭାବରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଗଜେନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୋଟ ୬୦ଟି ପ୍ରକଳ୍ପ ସାମିଲ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ତରଫରୁ ଦଶମ ଶ୍ରେଣୀର ଛାତ୍ର ଖିଲେଶ ମାଝୀ ଜାତୀୟସ୍ତରରେ ହେବାକୁ ଥିବା କବାଡ଼ି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ରାଜ୍ୟ ଟିମରେ ଚୟନ ହୋଇଥିବାରୁ ଅତିଥିମାନେ ସମ୍ବର୍ଦ୍ଧନା ଜଣାଇଥିଲେ।

## ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୀକ୍ଷା ବୈଠକ

**ନୂଆପଡ଼ା,୧୨।୧୧(ସମିସ):** ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ାରେ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀଙ୍କ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବୈଠକରେ ବିଦ୍ୟାଳୟରେ ଉଚ୍ଚମାନର ଶିକ୍ଷା ଦାନ, ରାଷ୍ଟ୍ରୀୟ ସର୍ବେକ୍ଷଣ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ଦୈନିକ ଉପସ୍ଥାନ ବୃଦ୍ଧି, ୟୁଡାଇସ, ବ୍ଲକସ୍ତରୀୟ ବିଜ୍ଞାନ ମେଳା, ପ୍ରଧାନଶିକ୍ଷକଶିକ୍ଷୟିତ୍ରୀଙ୍କ ଦକ୍ଷତା ବୃଦ୍ଧି, ଅଷ୍ଟମ ଓ ନବମ ଶ୍ରେଣୀରେ ସାପ୍ତାହିକ ଓ ଦଶମ ଶ୍ରେଣୀରେ ମାସିକ ପରୀକ୍ଷା ଆଦି ବିଷୟବସ୍ତୁ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ଏବିଇଓ ଉତ୍କଳମଣି ଅଗସ୍ତି, ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ ଓ ସମସ୍ତ ସିଆରସିସି ଉପସ୍ଥିତ ଥିଲେ।

## ଜାତୀୟସ୍ତରୀୟ ଦୌଡ଼ ପ୍ରତିଯୋଗିତା ପାଇଁ ପ୍ରୀତିମୟୀ ମନୋନୀତ

**ସୁବଳୟା/ବୀରମହାରାଜପୁର,୧୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଗ୍ରାମର ପ୍ରୀତିମୟୀ ଭୁକ୍ତା ରାଜ୍ୟ ଦୌଡ଼ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହେବାସହ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। କେନ୍ଦୁଝରରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତାରେ ୧୭ ବର୍ଷରୁ କମ ବାଳିକା ବିଭାଗରେ ୮୦୦ ମିଟର, ୧୫୦୦ ମିଟର ଓ ୩୦୦୦ ମିଟର ଦୌଡ଼ରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପିତା ସୁରେନ୍ଦ୍ର ଭୁକ୍ତା ଓ ମାଆ ଅର୍ଚ୍ଚନା ଭୁକ୍ତାଙ୍କର ଝିଅ ପ୍ରିତିମୟୀ ଭୁକ୍ତା ସିନ୍ଧୋଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ତାଙ୍କର ଏହି ସଫଳତାରେ ସଂଗ୍ରାମପୁର ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ସିନ୍ଧୋଳ କଲେଜର ଅଧକ୍ଷ, ଖେଳ ଶିକ୍ଷକ, ଜିଲ୍ଲା ଶିକ୍ଷା ଅଧିକାରୀ, ଡିପିଇଓ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଖେଳ ଶିକ୍ଷକ, କଳିଙ୍ଗ ଷ୍ଟାଡିଅମ ଭୁବନେଶ୍ୱରର ପ୍ରଶିକ୍ଷକ ଗଣ ଶୁଭେଚ୍ଛା ଜଣାଇଛନ୍ତି।



ସଂପ୍ରଦା ନୃତ୍ୟକୁ ବଞ୍ଚାଇ ରଖିଛି ରାହାସ ପରମ୍ପରା

## ୧୨୧ ବର୍ଷରେ ସିନାପାଲିର ରାହାସ ପୂଜା

**ସିନାପାଲି,୧୨।୧୧(ସମିସ):** ସଂସ୍କୃତିପ୍ରେମୀ ବ୍ୟକ୍ତିଙ୍କ ପ୍ରୟାସରେ ୧୯୦୩ ମସିହାରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆରମ୍ଭ ହୋଇଥିବା ସଂପ୍ରଦା ନୃତ୍ୟ ପିଢ଼ି ପରେ ପିଢ଼ି ନିରବଚ୍ଛିନ୍ନ ଭାବରେ ଆଜି ଯାଏଁ ପରିବେଷିତ



ହୋଇଆସୁଛି। ସିନାପାଲିରେ ରାହାସ ପରମ୍ପରା ମାଧ୍ୟମରେ ଏହି ଲୁପ୍ତପ୍ରାୟ ସଂପ୍ରଦା ନୃତ୍ୟକୁ ଦୀର୍ଘ ୧୨୧ ବର୍ଷ ଧରି ବଞ୍ଚାଇ ରଖିବା ନିଶ୍ଚିତ ପ୍ରଶଂସନୀୟ। ଯୁବକମାନେ ମଧ୍ୟ ଏହି ପରମ୍ପରାରେ ସାମିଲ ହୋଇ ସଂପ୍ରଦା ନୃତ୍ୟ ପରିବେଷଣ କରୁଛନ୍ତି। ପ୍ରତିବର୍ଷ ସପ୍ତାହେ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର ସମେତ ନିମନ୍ତ୍ରଣ ପାଇ ଅନ୍ୟ ଅଞ୍ଚଳରୁ ଆସୁଥିବା କଳାକାର ମଧ୍ୟ ଏହି ନୃତ୍ୟ ଦେଖାଉଛନ୍ତି। ସିନାପାଲି ସହର ବ୍ୟତିତ ହାତୀବନ୍ଧା, ଚଳନା, ସିଙ୍ଗଝର, କେନ୍ଦୁମୁଣ୍ଡା, ଗଣ୍ଡାବାହାଲୀ, ଗୋଡ଼ାଲ, ମହଗାଁ ଆଦି ଗାଁରେ ମଧ୍ୟ ଅତ୍ୟନ୍ତ ସମର୍ପିତ ଭାବ ନେଇ ରାହାସ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଆସୁଛି। ପ୍ରାୟ ସ୍ଥାନରେ ସଂପ୍ରଦା ନୃତ୍ୟକୁ ପାରମ୍ପରିକ ରିତିରେ ପରିବେଷଣ କରାଯାଉଥିବା ବେଳେ ସବୁଠି ଲୋକଙ୍କ ଭିଡ଼ ଜମୁଛି। ଏହା ବ୍ୟତିତ ପ୍ରାୟ ଗାଁରେ ସ୍ଥାନେସ୍ଥାନେ ପୁରାଣ ପାଠ ସହ କାର୍ତ୍ତିକ ମାସର ମହତ୍ତ୍ୱ ଆଧାରରେ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାପାଠ କରାଯିବା ପବିତ୍ର ଓ ଧାର୍ମିକ ବାତାବରଣ ସୃଷ୍ଟି କରିଛି। ବଡ଼ି ଭୋରରୁ ମାଆଭଉଣୀ ନଦୀ ଓ ପୋଖରୀରେ କାର୍ତ୍ତିକ ବୁଡ଼ ପକାଇ ସେଠାରେ ପୂଜାର୍ଚ୍ଚନା କରିବାସହ ଘଣ୍ଟ ଓ ହୁଳହୁଳିର ଧ୍ୱନୀ ଗ୍ରାମ୍ୟ ପରିବେଶକୁ ଉତ୍ସବମୁଖର କରୁଛି।

### ସେମାନେ ଯାହା କୁହନ୍ତି....



କେବଳ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ନୁହେଁ ବରଂ ପାରମ୍ପରିକ ନୃତ୍ୟକଳାକୁ ଜୀବିତ ରଖିବାରେ କାର୍ତ୍ତିକ ମାସର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ସିନାପାଲି ସମେତ ବିଭିନ୍ନ ଗ୍ରାମରେ ଲୁପ୍ତପ୍ରାୟ ସଂପ୍ରଦା ନୃତ୍ୟ ପରିବେଷଣ ସାଧାରଣ ଜୀବନକୁ ସରସସୁନ୍ଦର ରଖିବାରେ ସହାୟକ ହେଉଛି। ଏହା ଲୋକସଂସ୍କୃତିର ବିକାଶ ସହ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରିବାରେ ସହାୟକ ହେଉଛି।

**ରୋହିତ କୁମାର ନଗେଶ, ନାଟ୍ୟ ନିର୍ଦ୍ଦେଶକ**



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସିନାପାଲି ସହରସହ ଆଖପାଖ ଗ୍ରାମରେ ଦୀର୍ଘବର୍ଷ ଧରି ପରିବେଷଣ ହୋଇ ଆସୁଥିବା ପାରମ୍ପରିକ ସଂପ୍ରଦା ନୃତ୍ୟ ଏ ଅଞ୍ଚଳର ସାଂସ୍କୃତିକ ଜାଗରଣର ଅନନ୍ୟ ଅଂଶ ବିଶେଷ। ବର୍ତ୍ତମାନର ଯୁବପିଢ଼ିଙ୍କ ଯୋଗଦାନ ଏକ ସୁସ୍ଥ ଓ ଶୃଙ୍ଖଳିତ ସାମାଜିକ ବାତାବରଣର ପରିଚାୟକ ବୋଲି କୁହାଯିବ। ଲୁପ୍ତପ୍ରାୟ ଓଡ଼ିଆ ପରମ୍ପରାକୁ ବଜାୟ ରଖିଥିବା ଏଭଳି ଅନୁଷ୍ଠାନମାନଙ୍କୁ ସରକାର ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେଲେ ସେମାନେ ଆହୁରି ଉତ୍ସାହିତ ହୁଅନ୍ତେ।

**ବୈଷ୍ଣବ ମେହେର, ସଂସ୍କୃତିପ୍ରେମୀ**



ଓଡ଼ିଆ ସଂସ୍କୃତିରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହେଉଥିବା ବେଳେ ସେସବୁ ପର୍ବରେ ସାମିଲ ହୋଇ ପରମ୍ପରାକୁ ଜାରି ରଖିବା ସମସ୍ତଙ୍କ ସାମାଜିକ ଦାୟିତ୍ୱ। ସିନାପାଲି ଅଞ୍ଚଳ ଏକ କଳା, ସାହିତ୍ୟ ଓ ସଂସ୍କୃତି ସମ୍ପନ୍ନ ଅଞ୍ଚଳ। ତେଣୁ ଏଠିକାର ଲୋକମାନେ ନିଜ ପୂର୍ବପୁରୁଷ ପ୍ରଚଳନ କରିଥିବା ପରମ୍ପରାକୁ ଅବ୍ୟାହତ ରଖିବା ନିଜର ଦାୟିତ୍ୱ ମନେ କରନ୍ତି।

**ତ୍ରିନାଥ ମେହେଟ, ଗାୟତ୍ରୀ ପ୍ରଜ୍ଞାପୀଠ**



ପାରମ୍ପରିକ କଳା ପ୍ରତି ଆମ ଲୋକଙ୍କ ସମର୍ପିତ ଭାବ ଏବେ ବି ଅବ୍ୟାହତ ରହିବା ନିହାତି ପ୍ରଶଂସନୀୟ। ଯୁଗ ଯେତେ ଆଗକୁ ଗଲେ ମଧ୍ୟ ବିଗତ ୧୨୧ ବର୍ଷର ପାରମ୍ପରିକ ସଂପ୍ରଦା ନୃତ୍ୟକୁ ନିରବଚ୍ଛିନ୍ନ ଭାବରେ ବଞ୍ଚାଇ ରଖିବା ସିନାପାଲି ଅଞ୍ଚଳର ଲୋକଙ୍କ କଳା ପ୍ରତି ଅନୁରାଗର ପରିଚୟ ଦିଏ। ବିଶେଷ ଭାବରେ ବର୍ତ୍ତମାନର ପିଢ଼ି ଏହି ସଂସ୍କୃତି ପ୍ରତି ଆଗ୍ରହ ଦେଖାଇବା ଅତ୍ୟନ୍ତ ଶୁଭସୂଚକ।

**ହୃଦାନନ୍ଦ ମେହେର, ବରିଷ୍ଠ ଶିକ୍ଷାବିତ୍**

## ଅଧ୍ୟାପକଙ୍କୁ ବିଲ୍ଡ ଭାରତ ଲିଡରସିପ୍ ଆୱାର୍ଡ



**ସୁବଳୟା,୧୨।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କାଦୋଦର ସ୍ଥିତ ମାଁ ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଇଟି ଅଧ୍ୟାପକ ତଥା ଯାଦୁଗର ଉଦ୍ଧବ ପଧାନଙ୍କୁ ବିଲ୍ଡ ଭାରତ ଲିଡର ସିପ୍ ଆୱାର୍ଡ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ଚକ ଦେ ସୁପର ୫୦ ଅବସରରେ ହାପି ମୋମେଣ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମିଳନୀ ଏବଂ ନାଗରିକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଶ୍ରୀ ପଧାନଙ୍କୁ ସମାଜ ସେବା, ଚାରାରୋପଣ, ପରିବେଶ ସୁରକ୍ଷା ଓ ଅନ୍ଧବିଶ୍ୱାସ ଉପରେ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟ ଅତିଥି ତଥା ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଯେନା ସମ୍ବର୍ଦ୍ଧିତ କରିଥିଲେ। ସମାବେଶରେ ଅନୁଷ୍ଠାନର ଫାଉଣ୍ଡର ତଥା ଚେୟାରମ୍ୟାନ ମାଷ୍ଟର ରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଲେଖିକା ଡ଼. ବନ୍ଦନା ହରିଚନ୍ଦନ, ସମାଜସେବୀ ଶଙ୍କର୍ଷଣ ପରିଡା, ଆଇନଜୀବୀ ଉମାକାନ୍ତ ଜେନା, ପ୍ରବଚକ ପ୍ରଫେସର ପ୍ରଦୀପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ୫୦ ପ୍ରତିଭାଙ୍କୁ ଅନୁଷ୍ଠାନ ସମ୍ବର୍ଦ୍ଧିତ କରିଥଲା। ସମାରୋହକୁ ଅବିନାଶ ବାରିକ ପରିଚାଳନା କରିଥିବା ବେଳେ ଅଧକ୍ଷ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

